






# ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?

ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା

ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?

ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆମ୍ୱିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୟାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ 'ନାହିମୁଦି' ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ'କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟଫ୍ଟ ୟୁନିଭରସିଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ଟିକଙ୍କ ମତ ଅନୁସାରେ ରୋବଟର ଶାରିରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ କ୍ଲିନିକ ୱେବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।




# ପାକିସ୍ତାନର ଇନଫର୍ମେସନ ଜିହାଦର ଷଡ଼ଯନ୍ତ୍ର

ପାକିସ୍ତାନର ଏଜେଣ୍ଡା ହେଲା ଭାରତକୁ ଅସ୍ଥିର କରିବା। ଦୟନୀୟ ଆର୍ଥିକ ସ୍ଥିତିରେ ଥିବା ପାକିସ୍ତାନ ତା'ର ଲୋକଙ୍କୁ ଖାଇବାକୁ ନ ଦେଇ ପାରି କାଙ୍ଗାଳ ହେବାକୁ ବସିଲେ ସୁଦ୍ଧା ଭାରତକୁ ଅସ୍ଥିର କରିବାକୁ ତାର ଏଜେଣ୍ଡା ଜାରୀ ରଖିଛି। ପାକିସ୍ତାନ ଭାରତକୁ ଅସ୍ଥିର କରିବାକୁ ଭାରତର ଲୋକମାନଙ୍କୁ ପରସ୍ପର ବିରୁଦ୍ଧରେ ଲଢେଇ କରାଇବା, ସେମାନଙ୍କ ମଧ୍ୟରେ କଟୁତା ଉତ୍ପନ୍ନ କରିବା ଦିଗରେ ଲଗାତାର କାର୍ଯ୍ୟ କରି ଆସୁଛି। କିଛି ମୁଷ୍ଟିମେୟ ଲୋକଙ୍କୁ ଧରି ଖଲିସ୍ତାନ ନାମରେ ଶିଖମାନଙ୍କୁ ଦେଶରୁ ଅଲଗା କରିବାକୁ ସେ ଲଗାତାର ପ୍ରୟାସ କରି ଆସିଛି। ହେଲେ ଶିଖମାନେ ପାକିସ୍ତାନର ଏହି ଏଜେଣ୍ଡାକୁ ଭଲ ଭାବେ ବୁଝିଛନ୍ତି। ତେଣୁ ୮୦ ଦଶକରେ ଆଇଏସଆଇ ସମ୍ପୂର୍ଣ୍ଣ ପଂଜାବରେ ଆତଙ୍କବାଦର ନିଆଁ ଲଗାଇଥିଲା। ହେଲେ ସାଧାରଣ ଲୋକଙ୍କ ସମର୍ଥନ ଅଭାବରୁ ସେଥିରେ ସେ ସଫଳ ହୋଇପାରି ନ ଥିଲା। ଏବେ ମଧ୍ୟ ଯଦା କଦା ସେମାନେ ଖଲିସ୍ତାନର କଥା ଉଠାଇଥାନ୍ତି। କାନାଡା ପରି ଦେଶମାନଙ୍କରେ ଏହାକୁ ନେଇ କେବେ କେବେ ଧାରଣା ପ୍ରଦର୍ଶନ ମଧ୍ୟ କରିଥାନ୍ତି। ହେଲେ ପାକିସ୍ତାନ ଏହି ମାମଲାରେ ସଫଳ ହୋଇପାରିନାହିଁ। ତେବେ ଏହାସତ୍ତ୍ୱେ ପାକିସ୍ତାନ ତାର ଏହି ପ୍ରୟାସ ଛାଡିପାରିନାହିଁ। ଏହାକୁ ଲଗାତାର ଜାରୀ ରଖିଛି।

ପାକିସ୍ତାନ ଏବେ ଭାରତରେ ଲୋକ-ମାନଙ୍କ ମଧ୍ୟରେ ବିବାଦ ବଢାଇବା ପାଇଁ ଅନେକ ପ୍ରକାର ନୂଆ ନୂଆ ଉପାୟ ଅବଲମ୍ବନ କରିବା ଆରମ୍ଭ କଲାଣି। ତାର ଏକ ଉଦାହରଣ ଏବେ ଦେଖିବାକୁ ମିଳିଛି।

ଭାରତ–ପାକିସ୍ତାନ କ୍ରିକେଟ ମ୍ୟାଚରେ ଭାରତ ପରାଜିତ ହୋଇଛି। ଖେଳରେ ଜୟ ପରାଜୟ ଲାଗି ରହିଥାଏ। ଏଥିରେ କିଛି ନୂଆ କଥା ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଯେ ଏହି ପାକିସ୍ତାନ ଓ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଏହି ମ୍ୟାଚରେ ଭାରତର ପରାଜୟ ଓ ଏକ ଘଟଣାକୁ ନେଇ ଭାରତ ବିରୁଦ୍ଧରେ ଏକ ବଡ ଷଡଯନ୍ତ୍ର ଆରମ୍ଭ କରି ଦେଇଛି।

ଏହି ମ୍ୟାଚରେ ଅର୍ଶଦୀପ ସିଂହ ନାମକ ଜଣେ ନବାଗତ ଖେଳାଳୀ ମ୍ୟାଚରେ ଗୋଟିଏ କ୍ୟାଚ ହାତଛଡା କରି ଦେଇଥିଲେ। ଖେଳରେ ଏପରି ହୋଇଥାଏ। ସମର୍ଥକ ଦର୍ଶକମାନେ ମଧ୍ୟ ଏଥିପ୍ରତି ଅସନ୍ତୋଷ ପ୍ରକାଶ କରିଥାନ୍ତି। ଏଥିରେ କିଛି ନୂଆ କଥା ନାହିଁ। ହେଲେ ଅର୍ଶଦୀପଙ୍କ ମାମଲାରେ ପାକିସ୍ତାନରୁ ଏକ ଭୟଙ୍କର ଇନଫର୍ମେସନ ଜିହାଦ ଆରମ୍ଭ କରାଯାଇଛି। ପାକିସ୍ତାନର କିଛି ଟ୍ୱିଟର ହ୍ୟାଣ୍ଡେଲରୁ ଅପପ୍ରଚାର କରାଯାଉଛି ଯେ ଭାରତର ଲୋକମାନେ ଅର୍ଶଦୀପଙ୍କୁ ଖଲିସ୍ତାନୀ ବୋଲି କହି ସୋସିଆଲ ମିଡିଆରେ ଗାଳିଗୁଲଜ କରୁଛନ୍ତି। ସେ ଖଲିସ୍ତାନୀ ହୋଇଥିବାରୁ ଏହି କ୍ୟାଚ ଛାଡିଛନ୍ତି ବୋଲି ଏହି ଟ୍ୱିଟମାନଙ୍କରେ କୁହା ଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଏହି ଟ୍ୱିଟର ହ୍ୟାଣ୍ଡେଲଗୁଡିକର ନାମ ହିନ୍ଦୁମାନଙ୍କର ନାମରେ ରହିଛି। ଏହି ପୋଷ୍ଟଗୁଡିକ ପାକିସ୍ତାନରୁ କରାଯାଇଛି ବୋଲି ସାଧାରଣ ଭାବେ କେହି ଜାଣିପାରିବେ ନାହିଁ।

ବାସ୍ତବରେ ଭାରତର କୌଣସି ଖେଳାଳୀ ଭଲ ପ୍ରଦର୍ଶନ କଲେ ତାଙ୍କୁ ଦର୍ଶକମାନେ ପ୍ରଶଂସା କରିଥା'ନ୍ତି। ସେହିପରି ଖରାପ ପ୍ରଦର୍ଶନ କଲେ ତାଙ୍କ ବିରୋଧରେ ଅସନ୍ତୋଷ ବ୍ୟକ୍ତ କରିଥା'ନ୍ତି। ହେଲେ ଏଇ ପୂରା ପ୍ରକରଣରେ ଖଲିସ୍ତାନ କେଉଁଠୁ ଆସିଲା ?

କିଛି ସମୟ ମଧ୍ୟରେ ଏହି ବିଷୟ ସୋସିଆଲ ମିଡିଆରେ ଟ୍ରେଣ୍ଡ କରିବା ଆରମ୍ଭ କରିଦେଲା। ଏହାପରେ ପାକିସ୍ତାନୀ ଟ୍ୱିଟର ହ୍ୟାଣ୍ଡେଲମାନଙ୍କର କାମ ଶେଷ ହେଲା। ଏହାପରେ ପାକିସ୍ତାନର ଭାରତରେ ଥିବା ଇକୋ ସିଷ୍ଟମର ଲୋକମାନଙ୍କର କାମ ଆରମ୍ଭ ହୋଇଥିଲା। ସବୁବେଳେ ଇସଲାମୀ ଏଜେଣ୍ଡା ଓ ହିନ୍ଦୁ ବିରୋଧକୁ ପ୍ରୋତ୍ସାହନ ଦେଉଥିବା ଅନେକ ଲୋକ ଏହି ପ୍ରସଙ୍ଗରେ ଟ୍ୱିଟ କରିବା ଆରମ୍ଭ କରିଦେଲେ। ସେମାନେ ଟ୍ୱିଟ କରି କହିଲେ ଯେ ଭାରତରେ ଏବେ ଶିଖମାନଙ୍କୁ ଖଲିସ୍ତାନୀ ବୋଲି କହିବା ଆରମ୍ଭ କରି ଦେଲେଣି। ଭାରତରେ ହିନ୍ଦୁମାନେ ଏବେ ଏପରି ହୋଇଗଲେଣି।

ପ୍ରଥମେ ପାକିସ୍ତାନରୁ ଏହି ଇନଫର୍ମେସନ ଜିହାଦ ଆରମ୍ଭ ହୋଇଥିଲା। ପରେ ଭାରତରେ ବସିଥିବା ପାକିସ୍ତାନୀ ଇକୋ ସିଷ୍ଟମର ଲୋକମାନେ ଏହି କଥାକୁ ଆଗକୁ ବଢାଇବା ପରେ କିଛି ଭାରତୀୟ ମଧ୍ୟ ଆଇଏସଆଇର ଗେମ୍ ପ୍ଲାନ ସମ୍ପର୍କରେ ନ ବୁଝି ଅଜାଣତରେ ଏହାଉପରେ ପ୍ରତିକ୍ରିୟା ଦେବା ଆରମ୍ଭ କରିଦେଲେ। ଏପରି କରିବା ବେଳେ ସେମାନେ ବୁଝିପାରୁ ନ ଥିଲେ ଯେ ସେମାନେ ଅଜାଣତରେ ଆଇଏସଆଇର ଷଡ଼ଯନ୍ତ୍ରର ଜାଲରେ ଫସି ଯାଇଛନ୍ତି।

ପାକିସ୍ତାନ ଓ ଏହାର ଗୁଇନ୍ଦା ସଂସ୍ଥା ଭାରତକୁ କେବଳ ତାଲିମ ଦେଇ ଆତଙ୍କବାଦୀଙ୍କୁ ପଠାଏ ନାହିଁ। ଭାରତର ଲୋକମାନଙ୍କ ମଧ୍ୟରେ ଏକତା ନଷ୍ଟ କରିବା, ଜଣଙ୍କୁ ଅନ୍ୟ ଜଣଙ୍କ ବିରୁଦ୍ଧରେ ଉସୁକାଇବା, ତିକ୍ତତା ସୃଷ୍ଟି କରିବା ପାଇଁ ବିଭିନ୍ନ ପ୍ରକାର ଉପାୟ କରେ। ଏବେ ସୋସିଆଲ ମିଡିଆ ଏଭଳି କରିବାର ସବୁଠାରୁ ବଡ ମାଧ୍ୟମ। କାରଣ ଏଇଥିରେ ନାମ ବଦଳାଇ କେଉଁଠାରୁ ହେଲେ ସୋସିଆଲ ମିଡିଆରେ ପୋଷ୍ଟ କରି ତାକୁ ଭାରତରୁ ପୋଷ୍ଟ କରାଯାଉଛି ବୋଲି କୁହାଯାଇପାରିବ। ପାକିସ୍ତାନ ଠିକ୍ ଏଇଆ କରି ଭାରତ ବିରୁଦ୍ଧରେ ଇନଫର୍ମେସନ ଜିହାଦ ଚଳାଇଛି। ତେଣୁ ପ୍ରତ୍ୟେକ ଭାରତୀୟକୁ ପାକିସ୍ତାନ ଓ ଆଇଏସଆଇର ଏହି ଭୟଙ୍କର ଷଡଯନ୍ତ୍ରକୁ ବୁଝିବାକୁ ପଡିବ।

# ସଡ଼କରେ ମୁଣ୍ଡ ନେଉଛି ମୋବାଇଲ !

ଆଜିର ସମୟକୁ ଦେଖିଲେ ଲାଗୁଛି ଯେପରି ମୋବାଇଲ ହେଉଛି ଜୀବନର ମୁଖ୍ୟ ଅବଲମ୍ବନ। ରାସ୍ତାରେ ଚାଲିକି ଯାଉଥିବା ଲୋକ ହୁଅନ୍ତୁ ବା ସାଇକେଲ ଆରୋହୀ, ତେବେ ଉଦ୍‌ବେଗଜନକ ଘଟଣା ହେଉଛି ବାଇକ ହେଉ ବା କାର, ବସ ହେଉ ବା ଟ୍ରକ ମୋବାଇଲ ବ୍ୟବହାର କରି ଗାଡ଼ି ଚାଳନା ଯାହାପାଇଁ ଦୁଃଖଦ ଘଟଣାକ୍ରମରେ ଅଭାବନୀୟ ଗାଡ଼ି ଦୁର୍ଘଟଣା ସଡ଼କକୁ ରକ୍ତାକ୍ତ କରିଦେଉଛି। ଆଖି ପିଛୁଳାକେ କେବଳ ଗାଡ଼ି ଆରୋହୀର ଜୀବନ ଯାଉନି ତାଙ୍କ ପାଇଁ ଅନ୍ୟ ମାନଙ୍କ ଧନଜୀବନ ଅକାଳରେ ଚଢ଼କ ସଦୃଶ। ଗାଡ଼ି ଚଳାଇବା ସମୟରେ ଫୋନ ବ୍ୟବହାର ଅତି ବିପଜ୍ଜନକ। ଆଖି ପିଛୁଳାକେ ଜୀବନ ଯିବାର ଭୟ ଅଛି। ଅତି ଜରୁରୀ ଥିଲେ ଗାଡ଼ି ରଖିବା ପରେ ଫୋନ ବ୍ୟବହାର କରିବାକୁ ପୁଲିସ ଓ ପରିବହନ ବିଭାଗ ପରାମର୍ଶ ଦେଉଛି। ଏଥିପାଇଁ ଛକ ଛକରେ ସତର୍କତାମୂଳକ ବାର୍ତ୍ତା ଲେଖା ଯାଇଛି। ଏହା ସତ୍ତ୍ୱେ ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର କରିବା ଲୋକମାନେ ଛାଡ଼ୁନାହାନ୍ତି। ପରିଣାମ ସ୍ୱରୂପ ଶତାଧିକ ଲୋକଙ୍କ ଜୀବନ ଅକାଳରେ ଚାଲି ଯାଉଛି। ଯେତିକି ଲୋକ ପ୍ରାଣ ହରାଉଛନ୍ତି ତା ଠାରୁ ଅଧିକ ଲୋକ ଗୁରୁତର ଆହତ ହେଉଛନ୍ତି। ଅନେକ ଆହତ ବ୍ୟକ୍ତି ସାରା ଜୀବନ ପାଇଁ ଅକର୍ମଣ୍ୟ ହୋଇଯାଉଛନ୍ତି। ପରିବହନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ୨୦୨୧ରେ କେବଳ ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ ବ୍ୟବହାର କରିଥିବା ଯୋଗୁଁ ୩୫୨ଟି ସଡ଼କ ଦୁର୍ଘଟଣା ଘଟିଛି ଏବଂ ଏଥିରେ ୧୨୬ ଜଣ ପ୍ରାଣ ହରାଇଛନ୍ତି। ସେହିପରି ୩୫୫ ଜଣ ଗୁରୁତର ଆହତ ହୋଇଛନ୍ତି।

ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ ବ୍ୟବହାରକୁ ରୋକିବା ପାଇଁ ସୁପ୍ରିମ କୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ବାରମ୍ବାର ନିର୍ଦ୍ଦେଶ ଦେଇଛନ୍ତି। ୨୦୨୦ରେ ମୋବାଇଲ ଫୋନ ବ୍ୟବହାର ପାଇଁ ୨୯୭ ସଡ଼କ ଦୁର୍ଘଟଣା ଘଟିଥିଲା। ସେଥିରେ ୧୨୦ ଜଣ ପ୍ରାଣ ହରାଇଥିଲେ। ଓଡ଼ିଶାରେ ସମୁଦାୟ ୯୦% ସଡ଼କ ଦୁର୍ଘଟଣା ବେପରୁଆ ପ୍ରକୃତି ପାଇଁ ଘଟୁଛି। ୨୦୧୭ ବେଳକୁ ମୋବାଇଲ ଫୋନ ବ୍ୟବହାର ପାଇଁ ସଡ଼କ ଦୁର୍ଘଟଣାରେ ଓଡ଼ିଶା ସର୍ବଭାରତୀୟସ୍ତରରେ ତୃତୀୟ ସ୍ଥାନରେ ଥିଲା। ୨୦୧୬ ଏପ୍ରିଲ ୧୭ ତାରିଖରେ ଦେବଗଡ଼ ଜିଲ୍ଲାରେ ଏକ ବସ ଦୁର୍ଘଟଣାରେ ଏକ ଅପେରା ପାର୍ଟିର ୨୭ଜଣ କଳାକାର ପ୍ରାଣ ହରାଇଥିଲେ। ସେହିବର୍ଷ ସେପ୍ଟେମ୍ବର ୯ ତାରିଖରେ ଅନୁଗୁଳର ଆଠମଲ୍ଲିକ ଠାରେ ଗୋଟିଏ ବସ ପୋଲ ତଳକୁ ଖସି ପଡ଼ିବାରୁ ୧୯ଜଣ ଯାତ୍ରୀ ପ୍ରାଣ ହରାଇଥିଲେ। ଉଭୟ ମାମଲାରେ ବସ ଚାଳକ ଗାଡ଼ି ଚାଳକ ମୋବାଇଲ ଫୋନ ବ୍ୟବହାର କରିଥିବା ତଦନ୍ତରୁ ଜଣାପଡ଼ିଥିଲା। ଗାଡ଼ି ଚାଳକ ମୋବାଇଲ ଫୋନ ବ୍ୟବହାର କରୁଥିବା ନେଇ ଜନସାଧାରଣ ଅଭିଯୋଗ କରିବା ନିମନ୍ତେ ପରିବହନ ବିଭାଗ ପକ୍ଷରୁ ଏକ ଟୋଲ ଫ୍ରି ନମ୍ବର ଜାରି କରାଯାଇଛି। ହେଲେ ସଚେତନତା ଅଭାବରୁ ଅଭିଯୋଗ ସଂଖ୍ୟା କମ ରହିଛି। ତେବେ ବଡ଼ ବଡ଼ ମହାନଗରରେ ଜନସାଧାରଣ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ଫଟୋ ଉଠାଇ ପରିବହନ କିମ୍ବା ପୁଲିସ ବିଭାଗକୁ ଟ୍ୱିଟ କରୁଛନ୍ତି। ଫଳରେ ନିୟମ ଖିଲାପକାରୀଙ୍କୁ ଚାଲାଣ କଟାଯାଇ ପାରୁଛି। ହେଲେ ଓଡ଼ିଶାରେ ସେପରି ଘଟଣା ନଗଣ୍ୟ ରହିଛି। ବର୍ତ୍ତମାନ ସମୟରେ ମୋବାଇଲ ଫୋନ ସମସ୍ତଙ୍କ ପାଇଁ ଏକ ଜରୁରୀ ସାମଗ୍ରୀ ହୋଇଛି। କିନ୍ତୁ ଅସମୟରେ ବ୍ୟବହାର କେତେ ଘାତକ ତାହା ପରିବହନ ବିଭାଗର ଉପରୋକ୍ତ ତଥ୍ୟରୁ ସ୍ପଷ୍ଟ ହୋଇଯାଇଛି।

ଦିନକୁ ଦିନ ସଡ଼କ ଦୁର୍ଘଟଣା ଯେଉଁପରି ଭାବରେ ବଢ଼ି ଚାଲୁଛି ତାହା ଆଜିର ସମୟ ପାଇଁ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଘଟଣାବଳୀ। ଜଣେ ଘରୁ ବାହାରିବା ପରେ ସୁରକ୍ଷିତ ଭାବେ ଯେ ଘରକୁ ଫେରିବ ତାହାର ଗ୍ୟାରେଣ୍ଟି ସେ ନିଜେ ବି ପାଇପାରିବ ନାହିଁ। ଅତିଶସ୍ତାରେ ମୋବାଇଲ ହାତ ପାହାନ୍ତାରେ ମିଳିଯାଉଥିବାରୁ, ଦ୍ୱିତୀୟତଃ କାନରେ ଇୟର ଫୋନ ଲଗାଇ ଗପି ଗପି ଗାଡ଼ି ଚଳାଇବା ମଧ୍ୟ ଅତ୍ୟନ୍ତ ବିପଦଜନକ ମାନସିକତା। ନିୟମିତ ବ୍ୟବଧାନରେ ରାଜ୍ୟ ସଡ଼କ ପରିବହନ ବିଭାଗ ଏପରି ଆଇନ ଖିଲାପକାରୀ ମାନଙ୍କ ପାଇଁ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ ବ୍ୟବସ୍ଥା କରୁଛନ୍ତି। ତେବେ ଏ କ୍ଷେତ୍ରରେ ଦଣ୍ଡ ପାଇବା ପୂର୍ବରୁ ପ୍ରଶ୍ନ ଉଠୁଛି ଆମେ ସଚେତନତା ନ ହେବା କ'ଣ ପାଇଁ ? ସବୁ ସଚେତନତାକୁ ସରକାର ଓ ପ୍ରଶାସନ ଉପରେ ଲଦି ଦେଲେ ଚଳିବ ନାହିଁ। ଏ କ୍ଷେତ୍ରରେ ଆମ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କେବଳ ସଡ଼କକୁ ସୁରକ୍ଷିତ ରଖିବା ନୁହେଁ ନିଜର ମୂଲ୍ୟବାନ ଜୀବନକୁ ବଞ୍ଚାଇ ରଖି ନିଜ ପରିବାର ଓ ସମାଜ ପାଇଁ ଜଣେ ଯଥାର୍ଥ ଦାୟିତ୍ୱବାନ ମଣିଷଟି ବୋଲି କର୍ତ୍ତବ୍ୟ ନିର୍ବାହ ନିଶ୍ଚିତ ଭାବେ ଜୀବନ ଧର୍ମ।

# ଶାନ୍ତି, ସହିଷ୍ଣୁତା ଏବଂ ସମନ୍ୱୟତାର ବାର୍ତ୍ତାବହ !

୨୩ ମାର୍ଚ୍ଚ ହେଉଛି ଇସଲାମ ଇତିହାସରେ ଏକ ମହାନ ଦିବସ। ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ଦାସାନୁଦାସ ଜଣେ ମୁସଲିମ ସନ୍ଥ ହଜରତ ମିର୍ଜା ଗୁଲାମ ଅହମଦଙ୍କ ଦ୍ୱାରା ୧୮୮୯ ମାର୍ଚ୍ଚ ୨୩ ତାରିଖରେ ଭାରତ ବର୍ଷର ପଞ୍ଜାବ ପ୍ରଦେଶର ଲୁଧିଆନାଠାରେ ଅହମଦୀୟା ମୁସଲିମ ସମ୍ପ୍ରଦାୟ ନାମକ ଏକ ଆଧ୍ୟାତ୍ମିକ ଆନ୍ଦୋଳନର ସୂତ୍ରପାତ ହୋଇଥିଲା। ଏହି ସମ୍ପ୍ରଦାୟ ପ୍ରତିଷ୍ଠା ହେବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଇସଲାମ ଧର୍ମର ଶାନ୍ତିପୂର୍ଣ୍ଣ ଶିକ୍ଷା ଓ ତା'ର ବାସ୍ତବ ରୂପକୁ ଅଧିକ ସୁନ୍ଦର ଭାବେ ସଂସାର ସମ୍ମୁଖରେ ଉପସ୍ଥାପନ କରିବା ଓ ଏହାର ମୂଳ ଲକ୍ଷ୍ୟ ହେଲା ମାନବ ସମାଜକୁ ଇସଲାମ ଏକ ଶାନ୍ତି ଓ ନିରାପତାର ଧର୍ମ ବୋଲି ବୁଝାଇବା। ସେହିପରି ଇସଲାମ ଆଳରେ ଜେହାଦ ନାମ ନେଇ ଯେଉଁମାନେ ନିରୀହ ଲୋକଙ୍କୁ ହତ୍ୟା କରୁଛନ୍ତି, ସେମାନଙ୍କ ବିକୃତ ମାନସିକତାର ଦୃଢ ପ୍ରତିବାଦ କରିବା ସହିତ ଏହା ଜଣାଇବା ଯେ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ ବିନା ଭେଦଭାବରେ ସମଗ୍ର ମାନବ ଜାତି ପାଇଁ କରୁଣାର ସାଗର ହୋଇ ଆସିଥିଲେ। ଅଜଣା ବସ୍ତି କାଦିଆନ (ପଞ୍ଜାବ)ରୁ ଉଠିଥିବା ଏହି ଆଧ୍ୟାତ୍ମିକ ଗୁଞ୍ଜନ ଆଜି ବିଶ୍ୱର ଚତୁଃପାର୍ଶ୍ୱରେ ପ୍ରସାରିତ ହୋଇଚାଲିଛି। ''ଏବେ ବି ଏହି ପୁଷ୍ପବାଟିକାରେ ଆରାମ ଓ ଶାନ୍ତି ପ୍ରାପ୍ତ ହେଉଛି''ର ଘୋଷଣା କରିବା ସହ ଅହମଦୀୟା ସମ୍ପ୍ରଦାୟର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦ କୁହନ୍ତି, ଅଲ୍ଲାଃ ପରମବ୍ରହ୍ମ ମୋତେ ସମ୍ବୋଧନ କରି କହିଛନ୍ତି ଯେ, ମୁଁ ତୋତେ ଆଶ୍ଚର୍ଯ୍ୟଜନକ ଭାବେ ଉନ୍ନତି ପରେ ଉନ୍ନତି ଦେଇଚାଲିବି ଏପରି କି ରାଜା ମହାରାଜାମାନେ ମଧ୍ୟ ତୋ ଠାରୁ ଉନ୍ନତିର ଆଶାଇ ହେବେ। ମନେରଖ ଏହା ହେଉଛି ପରମେଶ୍ୱରଙ୍କ ବାଣୀ ଯାହାକି ନିଶ୍ଚିତ ଭାବରେ ଦିନେ ପୂରଣ ହେବ।

ସୁତରାଂ ହଜରତ ଅହମଦ ସେହି ପ୍ରତିଶ୍ରୁତ ମସିହ ହେବାର ଘୋଷଣା କରିବା ସମୟରେ ସେ ମାତ୍ର ଜଣେ ବ୍ୟକ୍ତି ଥିଲେ। ଆଜି ବିଶ୍ୱର ୨୧୫ଗୋଟି ରାଷ୍ଟ୍ରରେ ତାଙ୍କର କୋଟି କୋଟି ଅନୁଗାମୀ ଅହମଦିମାନେ ବସବାସ କରୁଛନ୍ତି। ଅହମଦୀୟା ସମ୍ପ୍ରଦାୟ ଏକ ପକ୍ଷରେ ମନୁଷ୍ୟକୁ ନିଜ ପାଳନକର୍ତ୍ତାଙ୍କ ସହିତ ସଂପର୍କ ଯୋଡ଼ିବାରେ ଯତ୍ପରୋନାସ୍ତି ପ୍ରୟାସ କରୁଛି ତ ଅନ୍ୟ ପକ୍ଷରେ ଜଣେ ମନୁଷ୍ୟକୁ ପ୍ରେମ କରିବା ପାଇଁ ତାଗିଦ କରୁଛି। ସୁତରାଂ ଅହମଦୀୟା ସମ୍ପ୍ରଦାୟର ସଂସ୍ଥାପକ ତଥା ତାଙ୍କ ଖଲିଫାଗଣ ନିଜର ନୀତିଶିକ୍ଷା ମାଧ୍ୟମରେ ଲକ୍ଷ ଲକ୍ଷ ପଥହରା ମନୁଷ୍ୟଙ୍କୁ ସତପଥକୁ ଟାଣି ଆଣି ପାଳନକର୍ତ୍ତାଙ୍କ ସହିତ ସେମାନଙ୍କର ସଂଯୋଗ ସ୍ଥାପନ କରି ଦେଇଛନ୍ତି। ଯଦ୍ଦ୍ୱାରା ସେମାନଙ୍କୁ ମିଳିପାରିଛି ଅଲ୍ଲାଃଙ୍କ ସାନିଧ୍ୟ ପ୍ରାପ୍ତିର ଏକ ଦିବ୍ୟ ଅନୁଭବ। ସୁତରାଂ ଅହମଦୀୟା ମୁସଲିମ ସମ୍ପ୍ରଦାୟର ପ୍ରାଣପ୍ରତିଷ୍ଠାତା କହିଛନ୍ତି; ବର୍ତମାନ ଯୁଗରେ ମୁଁ ଈଶ୍ୱର ପ୍ରେରିତ ସୁଧାରକ ହୋଇ ଆସିବା କେବଳ ମୁସଲମାନମାନଙ୍କ ସଂସ୍କାର ପାଇଁ ଅଭିପ୍ରେତ ନୁହେଁ; ବରଂ ମୁସଲମାନ, ହିନ୍ଦୁ, ଖ୍ରୀଷ୍ଟିଆନ ଏହି ତିନି ପ୍ରମୁଖ ଧାର୍ମିକ ସମ୍ପ୍ରଦାୟର ସୁଧାର ପାଇଁ ନିର୍ଦ୍ଦିଷ୍ଟ କରାଯାଇଛି। ଯେପରି ଅଲ୍ଲାଃ ମୋତେ ମୁସଲମାନ ଓ ଖ୍ରୀଷ୍ଟିଆନ ନିମନ୍ତେ ମସିହ ମଉଦ କରି ପଠାଇଛନ୍ତି, ମୁଁ ସେହିପରି ହିନ୍ଦୁ ପାଇଁ କୃଷ୍ଣ ଅବତାର ରୂପରେ ଆସିଅଛି। ମୁଁ ସବୁ ମୁସଲମାନ, ଖ୍ରୀଷ୍ଟିଆନ, ହିନ୍ଦୁ ଓ ଆର୍ଯ୍ୟ ସମାଜୀଙ୍କ ନିକଟରେ ଘୋଷଣା କରୁଛି ଯେ ଏହି ସଂସାରରେ ମୋର କେହି ଶତ୍ରୁ ନାହାନ୍ତି। ମୁଁ ମାନବ ସମାଜକୁ ଏପରି ପ୍ରେମ କରେ ଯେପରି ସନ୍ତାନକୁ ତା'ର କରୁଣାମୟୀ ମାତା, ବରଂ ତା'ଠାରୁ ମଧ୍ୟ ଅଧିକ। ମୁଁ କେବଳ ସେହି ମିଥ୍ୟା ମତବାଦର ଶତ୍ରୁ, ଯାହା ସତ୍ୟକୁ ବିନାଶ କରେ। ମଣିଷ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ମୋର କର୍ତବ୍ୟ। ମିଥ୍ୟା, ଅନେକେଶ୍ୱରବାଦ, ଅତ୍ୟାଚାର ତଥା ପ୍ରତ୍ୟେକ ପ୍ରକାର ଅସଦାଚରଣ, ଅନ୍ୟାୟ ଓ ଦୁଃଶ୍ଚରିତ୍ର କର୍ମକୁ ଅସ୍ୱୀକାର କରିବା ମୋର ନୀତି। ଆମର ସିଦ୍ଧାନ୍ତ ସମଗ୍ର ମାନବଜାତି ପ୍ରତି ସହାନୁଭୂତି। ଯଦି ଜଣେ ପଡ଼ୋଶୀ ଦେଖୁଛି ଯେ ଜଣେ ପାଖ ହିନ୍ଦୁ ଘରେ ନିଆଁ ଲାଗିଛି, ଅଥଚ ତାକୁ ଲିଭାଇବା ପାଇଁ ସେ ଅଂଟା ଭିଡ଼ି ବାହାରୁ ନାହିଁ, ତା'ହେଲେ ମୁଁ ସତ କହୁଛି ଯେ ସେହି ବ୍ୟକ୍ତି ମୋର କେହି ନୁହେଁ। ଯଦି ମୋର ଅନୁଗାମୀମାନଙ୍କ ମଧ୍ୟରୁ କେହି ବ୍ୟକ୍ତି ଦେଖୁଛି ଯେ ଜଣେ ଖ୍ରୀଷ୍ଟିଆନକୁ ହତ୍ୟା କରାଯାଉଛି ମାତ୍ର ସେ ସେହି ହତ୍ୟାକାରୀଠାରୁ ଛଡ଼ାଇବା ଉଦ୍ଦେଶ୍ୟ ନେଇ କୌଣସି ସାହାଯ୍ୟ ପାଇଁ ଆଗେଇ ଆସୁନାହିଁ, ତେବେ ଏହା ନିରାଟ ସତ୍ୟ ଯେ ସେହି ବ୍ୟକ୍ତି ଆମ ମଧ୍ୟରେ ଅନ୍ତର୍ଭୁକ୍ତ ନୁହେଁ।

ହଜରତ ମିର୍ଜା ଗୁଲାମ ଅହମଦଙ୍କ ରଚିତ ପୁସ୍ତକ''ମୈତ୍ରୀ ସଂଦେଶ''କୁ ତାହାଙ୍କ ମହାପ୍ରୟାଣର ମାତ୍ର ଦୁଇ ତିନି ଦିନ ପୂର୍ବରୁ ହିନ୍ଦୁ ଓ ମୁସଲମାନ ମାନଙ୍କ ମଧ୍ୟରେ ଶାନ୍ତି ଓ ସୌହାର୍ଦ୍ଦ ରକ୍ଷା କରିବା ଉଦ୍ଦେଶ୍ୟରେ ଲିପିବଦ୍ଧ କରା ଯାଇଥିଲା। ସେ ୨୬ ମଇ ୧୯୦୮ ମସିହାରେ ଦେହ ତ୍ୟାଗ କଲେ ଏବଂ ସେହି ପ୍ରସିଦ୍ଧ ବ୍ୟାଖ୍ୟାନକୁ ଜୁନ ୨୧ ତାରିଖ ଦିନ ରାୟ ବାହାଦୂର ପ୍ରତ୍ୟୋଲ ଚନ୍ଦ୍ର ଚାଟାର୍ଜୀଙ୍କ ସଭାପତିତ୍ୱରେ ପଢି ଶୁଣାଇ ଦିଆଯାଇଥିଲା। ଭାରତବର୍ଷର ଦୁଇ ମୁଖ୍ୟ ଜାତିଙ୍କ ଉଦ୍ଦେଶ୍ୟରେ ଏହି ମୈତ୍ରୀ ପୂର୍ଣ୍ଣ ସଂଦେଶ ଅଭିପ୍ରେତ ଥିଲେ ମଧ୍ୟ ଦେଶର ସବୁ ଜାତି ଓ ସମ୍ପ୍ରଦାୟ ମଧ୍ୟରେ ସଦ୍‌ଭାବନା ପ୍ରତିଷ୍ଠା କରିବା ଏବଂ ଦେଶରେ ଏକତା ଓ ଅଖଣ୍ଡତା ରକ୍ଷା କରିବା ଥିଲା ଏହି ବାର୍ତାର ମୁଖ୍ୟ ଉଦ୍ଦେଶ୍ୟ। ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଭେଦଭାବ ଦୂର କରାଇବାକୁ ଯାଇ ହଜରତ ମିର୍ଜା ଗୁଲାମ ଅହମଦ କହିଛନ୍ତି, ଯେତେବେଳେ ଆପଣମାନେ ବେଦ ଓ ବେଦର ଋଷି ମୁନିମାନଙ୍କୁ ଈଶ୍ୱର ପ୍ରେରିତ ବୋଲି ଗ୍ରହଣ କରିନେବେ ଏବଂ ଠିକ ସେହିପରି ହିନ୍ଦୁମାନେ ଆମ୍ଭର ପବିତ୍ର ଅବତାର ହଜରତ ମୁହମ୍ମଦ ସଲ୍ଲମଙ୍କ ଅବତାରତ୍ୱକୁ ଗ୍ରହଣ କରିନେବେ, ସେତେବେଳେ ମନେ ରଖନ୍ତୁ; ଏହା ହିଁ ହେବ ପ୍ରକୃତ ମୈତ୍ରୀ ସ୍ଥାପନର ଏକ ମାତ୍ର ପନ୍ଥା। ଏବଂ ଏହା ହିଁ ଏପରି ଜଳ, ଯାହା ହୃଦୟର ଆବିଳତାକୁ ଦୂର କରିଦେବ। ଏ ଦୁଇ ଜାତିର ମିଳନର ଦିନ ଯଦି ଆସିଥାଏ, ତେବେ ଈଶ୍ୱର ସେମାନଙ୍କ ହୃଦୟକୁ ଉନ୍ମୁକ୍ତ କରିଦେବେ, ଯାହାପାଇଁ ମୋର ହୃଦୟକୁ ଉନ୍ମୁକ୍ତ କରି ଦେଇଛନ୍ତି।

# ଭାରତ ଯୋଡ ଯାତ୍ରା ପରିପ୍ରେକ୍ଷୀରେ ରାଉରକେଲାରେ କଂଗ୍ରେସର ପଦଯାତ୍ରା

ରାଉରକେଲା (ପିଏନ୍): ଭାରତୀୟ ଜାତୀୟ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ତଥା ଜନମାନସର ପ୍ରିୟନେତା ରାହୁଲ ଗାନ୍ଧୀ କନ୍ୟାକୁମାରୀ ଠାରେ ଭାରତ ଯୋଡ ଯାତ୍ରାର ଶୁଭାରମ୍ଭ କରିଥିବା ବେଳେ ଗତକାଲି ଏହି ଯାତ୍ରା ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଅଖିଳ ଭାରତ କଂଗ୍ରେସ କମିଟିର ନିଷ୍ପତ୍ତି ଅନୁଯାୟୀ ରାଉରକେଲା ସାଙ୍ଗଠନିକ ଜିଲ୍ଲାରେ ଏହି ପଦଯାତ୍ରା କରାଯାଇଥିଲା । ସକାଳ ୯ଟା ବେଳେ ଏହି ପଦଯାତ୍ରା ଡିଏଭି ଛକ ସ୍ଥିତ ମାଛ ମାର୍କେଟ ଠାରୁ ବାହାରି ଜେଲ ରୋଡ, ଆଇଟିଆଇ, କୋଏଲ ବ୍ୟାଙ୍କ, ରିଜର୍ଭ ପୋଲିସ୍ ଲାଇନ୍, ଗଙ୍ଗାଧରପାଲ୍ଲୀ ଓ ଏଫ୍‌ସିଆଇ ମଧ୍ୟଦେଇ ପୁନଶ୍ଚ ଡିଏଭି ଛକଠାରେ ସମ୍ପନ୍ନ ହୋଇଥିଲା । ଜିଲ୍ଲା କଂଗ୍ରେସର ଅ'ରୀଣ ଅଧ୍ୟକ୍ଷ ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପିସିସି ସାଧାରଣ ସମ୍ପାଦକ ରବି ରାୟ, ପିସିସିର ପୂର୍ବତନ ସମ୍ପାଦକ ସବୀର ହୁସେନ ଓ ଗଣେଶ ପ୍ରଧାନ, ପିସିସି ସଭ୍ୟା ପ୍ରଭାତୀ ମିଶ୍ର, ଜିଲ୍ଲା କଂଗ୍ରେସର ସାଧାରଣ ସମ୍ପାଦକ ସରୋଜ ଲେଙ୍କା ଓ ରାଜେଶ ଟପ୍ପୋ, ଓବିସିର ରାଷ୍ଟ୍ରୀ ସହସଂଯୋଜକ କୈଳାସ ସାହୁ, ମୁଖପାତ୍ର ଗିରିଜା ଶଙ୍କର ମିଶ୍ର, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂ, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସୁଶୀଲ କିଣ୍ଡୋ, ଫିସରମ୍ୟାନ କଂଗ୍ରେସ ଅଧ୍ୟକ୍ଷ ସିଦ୍ଧେଶ୍ୱର ମଲ୍ଲିକ, ଓବିସି ଅଧ୍ୟକ୍ଷ ବୈଲୋଚନ ସାହୁ, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ବ୍ଲକ୍ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ରଘୁ ଦାସ,ସୁନୀଲ ପଟ୍ଟନାୟକ, ଧୁସା ନାୟକ, ମହିଳା ରାଜ୍ୟ ସମ୍ପାଦିକା ଲତା ନାୟକ ପ୍ରମୁଖ ପଦଯାତ୍ରା ସମୟରେ ଭାରତ ଯୋଡ ଯାତ୍ରାର ଆଭିମୁଖ୍ୟ ସମ୍ପର୍କରେ ସାଧାରଣ ଲୋକଙ୍କୁ ଡାକବାଜି ଯନ୍ତ୍ର ଜରିଆରେ ସୂଚନା ଦେଇଥିବା ବେଳେ ପଥପାର୍ଶ୍ୱର ଲୋକମାନଙ୍କ ସହିତ ଭେଟି ସେମାନଙ୍କ ସୁଖ ଦୁଃଖ ପଚାରି ବୁଝିଥିଲେ । ସମ୍ପ୍ରତି ମୋଦି ସରକାର ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତିକୁ ଭୁଲି ଯାଇ ଦେଶରେ ବିଭିନ୍ନ ସାମଗ୍ରୀର ଦରଦାମ୍ ଅହେତୁକ ଭାବେ ବୃଦ୍ଧି କରିଛନ୍ତି, ଖାଉଟି ସାମଗ୍ରୀ ଉପରେ ଜିଏସ୍‌ଟି ଲଗାଇଛନ୍ତି, ଲୋକଙ୍କୁ ରୋଜଗାର ଦେବା ପରିବର୍ତ୍ତେ ବେରୋଜଗାର କରୁଛନ୍ତି ବିରୋଧି ଦଳ ତାର ପ୍ରତିବାଦ କଲେ ବିରୋଧି ନେତାଙ୍କ ପଛରେ ଇଡି, ସିବିଆଇ ଓ ଆୟକର ବିଭାଗକୁ ଲଗାଇ ଦିଆଯାଉଛି ବୋଲି କହିଥିଲେ । ତେଣୁ ଏସବୁ ମୁଖ୍ୟ ପ୍ରସଙ୍ଗରୁ ଲୋକଙ୍କ ଦୃଷ୍ଟି ଏଡାଇବା ପାଇଁ ବିଜେପି ନେତୃତ୍ୱାଧିନ କେନ୍ଦ୍ର ସରକାର ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟ ମଧ୍ୟରେ ବିଭେଦ ସୃଷ୍ଟି କରି ଦେଶର ଶା ଓ ଭାଇଚାରାକୁ ନଷ୍ଟ କରୁଛନ୍ତି ବୋଲି କହିଥିଲେ । ତେଣୁ ମୋଦି ସରକାରର କୁଶାସନ ଓ ବିଭାଜନ ନୀତି ବିରୁଦ୍ଧରେ ଜନସଚେତନା ସୃଷ୍ଟି ପାଇଁ ଆଜି ରାହୁଲଜୀଙ୍କ ନେତୃତ୍ୱରେ ଯେଉଁ ପଦଯାତ୍ରା ଆରମ୍ଭ ହୋଇଛି ସେଥିରେ ସାଧାରଣ ଲୋକେ ସାମିଲ୍ ହୋଇ ସହଯୋଗ କରିବାକୁ ନେତୃବୃନ୍ଦ ଆହ୍ୱାନ ଜଣାଇଥିଲେ । ଏହି ପଦଯାତ୍ରା ସମଗ୍ର ଶିଳ୍ପାଞ୍ଚଳ ପରିକ୍ରମା କରି ସାଢେ ୧୧ଟା ବେଳେ ସମ୍ପନ୍ନ ହୋଇଥିଲା । ପଦଯାତ୍ରା ପରିଚାଳନାରେ କାର୍ଯ୍ୟନିର୍ବାହୀ ସଦସ୍ୟ ଉପେନ୍ଦ୍ର ଦାସ, ଭାସ୍କର ଖିଲ୍ଲାର, ସେବାଦଳର ବୁଲୁ ଦାସ, ଚତୁର୍ଭୁଜ ସାମଲ, ଅଭିମନ୍ୟୁ ଦାସ, ଏମ୍‌ଡି ମୁର, ରେହେମାନ ଖାନ, ରୁକସାନା ବେଗମ, ଝୁନୁ ପଟ୍ଟନାୟକ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ଶଙ୍କର ଦାସ, ସୁଧୀର ଚୌହାନ, ଅକୁଲ ପାତ୍ର, ଦୀପକ ବଡାଇକ ପ୍ରମୁଖ ସହଯୋଗ କରିଥିବା ବେଳେ ଶତାଧିକ ଦଳୀୟ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି।

# ଜାରକାରେ ସାଇକେଲ ଚୋରି ବୃଦ୍ଧି

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ଅଞ୍ଚଳରେ କିଛିଦିନ ହେଲା ସାଇକେଲ ଚୋରି ବୃଦ୍ଧି ପାଇଛି । ସାଇକଲରେ ଚାବି ପଡ଼ିଥିଲେ ମଧ୍ୟ ଚୋର ନକଲି ଚାବି ବ୍ୟବହାର କରି କୌଶଳକ୍ରମେ ସାଇକେଲ ଚୋରି କରି ନେଉଛି । ବିଶେଷ କରି ଗହଳି ସ୍ଥାନରୁ ଚୋରମାନେ ଅନାୟାସରେ ସାଇକେଲ ଉଠାଇ ନେଉଛନ୍ତି । ଜାରକା ଶିଶୁ ଉଦ୍ୟାନ, ଷ୍ଟାଡ଼ିୟମ, ବିଭିନ୍ନ କୋଚିଂ ସେଣ୍ଟର, ମନ୍ଦିର, ଦୋକାନ ସାମ୍‌ନା ଆଦି ସ୍ଥାନରୁ ବାରମ୍ବାର ସାଇକେଲ ଚୋରି ହେଉଥିବା ଅଭିଯୋଗ ହେଉଛି । ଏଭଳି ଛୋଟ ଚୋରି ସଂପର୍କରେ ଅଧିକାଂଶ ସାଇକେଲ ମାଲିକ ଥାନାରେ ଏତଲା ଦେବାକୁ ଉଚିତ୍ ମନେ କରୁନାହାଁନ୍ତି । ଫଳରେ ପୁଲିସ୍‌କୁ ସାଇକେଲ ଚୋରି ସଂପର୍କରେ ଅଧିକ ସୂଚନା ମିଳି ପାରୁନାହିଁ। ଏଥିପାଇଁ ଜାରକା ଅଞ୍ଚଳରେ ସାଇକେଲ ଚୋରି ବୃଦ୍ଧି ଘଟିଥିବା ଅଭିଯୋଗରେ ଦର୍ଶାଯାଇଛି। ଜାରକା ନିକଟ ଚହଟା ମୌଜାରେ ଏକ ଭଡ଼ାଘରେ ରହୁଥିବା କଣ୍ଟିଗଡ଼ିଆ ଗ୍ରାମର ଶିକ୍ଷକ ଅମ୍ବୁଜ କୁମାର ଦାସଙ୍କ ପୁଅ ଓମ୍‌ପ୍ରିୟର ନୂଆ ସାଇକେଲ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି । ସେହିପରି ଜାରକା ଷ୍ଟାଡ଼ିୟମ୍ ନିକଟରୁ ଉତର ଶାସନ ଗ୍ରାମର ବିଚିତ୍ର କୁମାର ସାମଲଙ୍କ ପୁଅ ସୋମୁର ସାଇକେଲ ଚୋରି ହୋଇଯାଇଛି। ଏଥିସହ ଏହି ଗ୍ରାମର ଶତାଦ୍ଦୀ ସାମଲଙ୍କ ସାଇକେଲ ଜାରକାର ଏକ କୋଚିଂ ସେଣ୍ଟର ସାମ୍‌ନାରୁ ଚୋରି ହୋଇଛି। ଏମିତି ଅନେକ ସାଇକେଲ ଚୋରି ହେଉଥିଲେ ମଧ୍ୟ ସାଇକେଲ ଲୁଟେରାଙ୍କ ସଂପର୍କରେ କୌଣସି ସୁରାକ୍ ମିଳୁନାହାଁ ସ୍ଥାନୀୟ ପୁଲିସ୍ ସାଇକେଲ ଚୋରି ସଂପର୍କରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାରେ ୧୩ ଆହତ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଜାରକା ନିକଟରେ ଏକ ତୀର୍ଥଯାତ୍ରୀ ବସ ଦୁର୍ଘଟଣାରେ ୧୩ଜଣ ଆହତ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ ପଶ୍ଚିମବଙ୍ଗର ନଦିଆ ଅଂଚଳରୁ ଡବ୍ଲ୍ୟୁବି-୫୭-ସି-୮୮୭୭ ନମ୍ବର ବସରେ ୫୦ରୁ ଉର୍ଦ୍ଧ ତୀର୍ଥଯାତ୍ରୀ ପୁରୀକୁ ଯାଉଥିବା ବେଳେ ଗତକାଲି ଭୋର ସମୟରେ ଜାରକା ନିକଟରେ ୧୬ ନମ୍ବର ଜାତୀୟ ରାଜପଥ କଡରେ ଛିଡା ହୋଇଥିବା ଏକ ଟ୍ରକ ପଛରେ ପିଟି ହୋଇଯାଇଥିଲା। ଫଳରେ ବସ୍‌ରେ ବସିଥିବା ୧୩ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଥିଲେ। ଆହତମାନଙ୍କୁ ଉକ୍ତ ବସ୍‌ରେ ଧର୍ମଶାଳା ମେଡିକାଲ ଅଣାଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ ବସଟି ସମସ୍ତ ଯାତ୍ରୀଙ୍କୁ ନେଇ ପୁରୀ ଅଭିମୁଖେ ଯାଇଥିବା ଜଣାପଡିଛି। ତେବେ ଏ ସମ୍ପର୍କରେ ପୁଲିସ ନିକଟରେ କୌଣସି ଅଭିଯୋଗ ହୋଇନଥିବା ଜଣାଯାଇଛି ।

# ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରରୁ କ୍ୟୁଆରଏସଏଆମ୍ ମିଜାଇଲର ସଫଳ ପରୀକ୍ଷଣ

ବାଲେଶ୍ୱର (ପିଏନ୍)-ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) ଏବଂ ଭାରତୀୟ ସେନା ମିଳିତ ଭାବେ ଚାନ୍ଦିପୁର ସ୍ଥିତ ସମନ୍ୱିତ ପରୀକ୍ଷଣ ଘାଟିରୁ କୁଇକ୍ ରିଆକ୍ସନ ସରଫେସ୍ ଟୁ ଏଆରମିସାଇଲ (କ୍ୟୁଆରଏସଏଆମ୍) ବ୍ୟବସ୍ଥାର ପରୀକ୍ଷଣକୁ ସଫଳତାର ସହ ସମାପ୍ତ କରିଛନ୍ତି। ବର୍ତ୍ତମାନ ଏହା ଭାରତୀୟ ସେନାରେ ସାମିଲ ହେବାପାଇଁ ପ୍ରସ୍ତୁତ ହୋଇଛି। ଆକାଶରେ ଆସିଥିବା ଦ୍ରୁତଗାମୀ ଲକ୍ଷ୍ୟଭେଦ ବିରୁଦ୍ଧରେ ଏହି ପରୀକ୍ଷା କରାଯାଇଥିଲା। ଯେଉଁଥିରେ ଦୂରଗାମୀ, ମଧ୍ୟମ ଉଚ୍ଚତା, ସ୍ୱଳ୍ପ ଦୂରତା, ଅଧିକ ଉଚ୍ଚତାରେ ଲକ୍ଷ୍ୟକୁ ପରିଚାଳନା, କମ୍ ଉଚ୍ଚତାରେ ରାଡ଼ାର ଦ୍ୱାରା ଏହାକୁ ଠାବ କରିବା ସହିତ ଲକ୍ଷ୍ୟଭେଦ ଏବଂ ସାମୂହିକ ଭାବେ ୨ଟି କ୍ଷେପଣାସ୍ତ୍ରକୁ କ୍ରମାଗତ ଭାବେ ଛଡ଼ାଯାଇଥିଲା। ଆଇଟିଆର ଦ୍ୱାରା ନିୟୋଜିତ ଟେଲିମେଟ୍ରି, ରାଡ଼ାର ଏବଂ ଇଲେକ୍ଟ୍ରୋ ଓପଟିକାଲ ଟ୍ରାକିଙ୍ଗ ସିଷ୍ଟମ ପରି ଅନେକ ଯନ୍ତ୍ରାଂଶ ଦ୍ୱାରା ଏକତ୍ର ହୋଇଥବା ତଥ୍ୟରୁ ଏହାର କାର୍ଯ୍ୟଦକ୍ଷତା ବିଚିତ୍ର ହୋଇଛି। କ୍ୟୁଆରଏସଏଆମ ଅସ୍ତ୍ର ପ୍ରଣାଳୀର ସ୍ୱତନ୍ତ୍ରତା ହେଉଛି ଏହା ସର୍ଚ୍ଚ ଏବଂ ଟ୍ରାକ ସାମର୍ଥ୍ୟ ଅଳ୍ପ ସମୟରେ ଉତ୍‌କ୍ଷେପଣ ହୋଇପାରିବ। ଏହି ଉତ୍‌କ୍ଷେପଣ ସମୟରେ ଡିଆରଡିଓ ଭାରତୀୟ ସେନାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବାଇକ୍ ଦୁର୍ଘଟଣାରେ ଜଣେ ଆହତ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ଗୋକର୍ଣ୍ଣେଶ୍ୱର ବ୍ରାହ୍ମଣୀ ବ୍ରିଜ ନିକଟରେ ଗତକାଲି ପୂର୍ବାହ୍ନରେ ବାଇକ ଦୁର୍ଘଟଣାରେ ଜଣେ ଆହତ ହୋଇଥିବା ଜଣାପଡିଛି । ଆହତ ଜଣକ କୁଆଖିଆ ଅଂଚଳର ଦେବେନ୍ଦ୍ର ପରିଡା (୪୮) ବୋଲି ଜଣାପଡିଛି । ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତାଙ୍କୁ ଧର୍ମଶାଳା ମେଡିକାଲରେ ଭର୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଛାଡିଦିଆଯାଇଥିବା ଜଣାଯାଇଛି।

# ହରିହର ଦାସଙ୍କୁ ତାଙ୍କ ଏକାଦଶାହରେ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର (ପିଏନ୍):- ପୂର୍ବତନ ଡାକବିଭାଗ ଅଧିକାରୀ, ନୀଳାଦ୍ରିବିହାର ଆବାସିକ ସଂଘର ପୂର୍ବତନ କର୍ମକ ା, ସମାଜସେବୀ ସ୍ୱର୍ଗତଃ ହରିହର ଦାସଙ୍କୁ ତାଙ୍କ ଏକାଦଶାହ ଅବସରରେ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଉପଲକ୍ଷେ ନୀଳାଦ୍ରି ବିହାର ଦୁର୍ଗାପୂଜା ମଣ୍ଡପ ଠାରେ ବରିଷ୍ଠ ଆଇନଜିବୀ ତଥା ଆବାସିକ ସଂଘର ଉପଦେଷ୍ଟା ମନମୋହନ ପଟ୍ଟନାୟକଙ୍କ ପୌରହିତ୍ୟରେ ଆୟୋଜିତ ଏକ ଶ୍ରଦ୍ଧାଞ୍ଜଳି ସଭାରେ ନୀଳାଦ୍ରି ବିହାର ଯୁବ ଓ ସାଂସ୍କୃତିକ ସଂଘର ସଭାପତି ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସଂପାଦକ ବିଶ୍ୱଜିତ୍ ପଟ୍ଟନାୟକ, ସାଂସ୍କୃତିକ ସଂପାଦକ ବଟକୃଷ୍ଣ ପଣ୍ଡା, ବରିଷ୍ଠ ସଭ୍ୟ ଗଦାଧର ରଥ, ନିରଞ୍ଜନ ସାହୁ, ଆବାସିକ ସଂଘର ସାଧାରଣ ସଂପାଦକ ଦେବେନ୍ଦ୍ର କୁମାର ପାତ୍ର, ସଭ୍ୟ ମିହିର କୁମାର ମିଶ୍ର. ଅରୁଣ କୁମାର ଦେ ପ୍ରମୁଖ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହିତ ସ୍ୱର୍ଗତ ଆତ୍ମାର ଐଶ୍ୱରିକ ଶାନ୍ତି ପ୍ରାର୍ଥନା କରିଥିଲେ। ପ୍ରକାଶ ଥାଉକି ସ୍ୱର୍ଗତ ଦାସ ଅବସର ପରେ ନିଜକୁ ସମାଜସେବା, ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ସହିତ ଜଡିତ ରହିବା ସହ ମା ଦୁର୍ଗାଙ୍କର ଆବାହନରେ ଦୀର୍ଘ ୪ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କ ାଭାବେ କାର୍ଯ୍ୟ କରି ଅ ଳରେ ବେଶ୍ ସୁନାମ ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ ସମାଜରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେବା ସହ ଏହା ଏକ ଅପୂରଣୀୟ କ୍ଷତି ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିବା ସହ ଏକ ସ୍ମୃତି କମିଟି ଗଠନ ଓ ଏକ ସ୍ମରଣିକା ପ୍ରକାଶ କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅ ଳର ବୁଦ୍ଧିଜିବୀ ତଥା ପରିବାର ଓ ଆତ୍ମୀୟ ସ୍ୱଜନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ଅପ୍ରେଲ ୮

# ଭାରତୀୟ ଗୃହିଣୀ ଓ ପଣତ କାନି



ପ୍ରଦୀପ୍ତ କୁମାର କର

ଥରେ ଜଣେ ଲେଖିକା ଙ୍କ ଏକ ସୁନ୍ଦର ଲେଖା ଏକ ନିର୍ଦ୍ଦିଷ୍ଟ ସମ୍ବାଦ ପତ୍ର ରେ ବାହାରିଥିଲା ଯେ ଆମ ଦେଶ ର ନାରୀ ମାନେ ଶାଢ଼ୀ କୁ ହତାଦର କରୁଛନ୍ତି ଓ ପୋଷାକ ପ୍ରତି ନିଜର ଶ୍ରଦ୍ଧା ବଢାଉଛନ୍ତି ସେମାନଙ୍କ କହିବା କଥା ହେଲା ଶାଢ଼ୀ ପିନ୍ଧି ସମସ୍ତ କାର୍ଯ୍ୟ ତୁଲାଇବା ସମ୍ଭବ ନୁହେଁ। କିନ୍ତୁ ଏବେ ନିକଟରେ ଜଣେ ସ୍ତ୍ରୀ ଲୋକ ଶାଢ଼ୀ ପିନ୍ଧି କେତେ ଶହ ମିଟର ଆରାମ ରେ ଦୌଡ଼ି ଯାଇ ରେକର୍ଡ କରିଥିଲେ ।ଆମ ଓଡ଼ିଶା ର ବାଲେଶ୍ୱର ଅଞ୍ଚଳ ର ଜଣେ ବିବାହିତ ଅଳ୍ପ ବୟସର ନାରୀ ଘୋଡ଼ା ଚ଼ଢା ଠାରୁ ଘାସ କଟା ଯାଏଁ ସମସ୍ତ କାର୍ଯ୍ୟ ଶାଢ଼ୀ ପିନ୍ଧି କରନ୍ତି ।ଏପରିକି ସେ ସେହି ଶାଢ଼ୀ ରେ ଟ୍ରକ୍ ମଧ ଚ଼ାଳନ୍ତି। ମା ଯଶୋଦା ସର୍ବଦା କୃଷ୍ଣ ,ବଳରାମ ଙ୍କୁ ତାଙ୍କ ପଣତ କାନି ରେ ପୋଛି ଦେଇଥିଲେ ।ମାର ପଣତ କାନି ପିଲାଙ୍କ ପାଇଁ ଏକ ଅଭୟ ସ୍ଥାନ ।ସେହି ଠାରେ ଥାଏ ସାରା ବ୍ରହ୍ମାଣ୍ଡ ର ଆଶ୍ୱାସନା । ଏତ ଗଲା ଗୋଟିଏ ଦିଗ କିନ୍ତୁ ମୁଁ ଯେତେବେଳେ ସେ ଭଦ୍ର ମହିଳାଙ୍କୁ ପଚ଼ାରିଲି ଆପଣ କଣ କରନ୍ତି ବୋଲି ସେ ତୁରନ୍ତ ଉତ୍ତର ଦେଲେ ଯେ ସେ କିଛି କରନ୍ତି ନାହିଁ ଓ ଜଣେ ଗୃହିଣୀ ବୋଲି ।ଏହି ଉତ୍ତର ଶୁଣି ମୁଁ ତାଙ୍କୁ କହିଲି ଯେ ଆପଣ କଣ କିଛି କରୁନାହାନ୍ତି ବୋଲି କଣ କହିଲେ ଯେ ଆଉ କଣ କରନ୍ତେ ।ଆପଣ ଜଣେ ଗୃହିଣୀ ଏହା କଣ ଏକ ଛୋଟିଆ କଥା ତା ପରେ ସେ ଟିକିଏ ହସି ଦେଲେ । ମୁଁ ସେହି କଥା କୁ ଟିକିଏ ତର୍ଜମା କରିବାକୁ ଚ଼ାହୁଁଛି ।ଜଣେ ଗୃହିଣୀ ସକାଳୁ ଉଠି ନିଜର ନିତ୍ୟ କର୍ମ ସାରି ତାପରେ ବିନା ବିଶ୍ରାମ ରେ ଛୋଟ ପିଲା ଥିଲେ ସେମାନଙ୍କ କଥା ବୁଝି ଖାଇବା କୁ ଦେଇ ସ୍କୁଲ ପଠାଇବା , ସ୍ୱାମୀର ସବୁ କଥା ବୁଝିବା ,ଯଦି ଶାଶୁ ଶ୍ୱଶୁର ଅଛନ୍ତି ତେବେ ତାଙ୍କ କଥା ,ବନ୍ଧୁ ବାନ୍ଧବ ,ସାଇପଡିଶା ,ଘରର ସୁଖ ଦୁଃଖ,ଆର୍ଥିକ ଅବସ୍ଥା କୁ ଦେଖି ଖର୍ଚ୍ଚ କରି ପୁଣି ଭବିଶ୍ୱତ୍ ପାଇଁ ସଞ୍ଚୟ ଏସବୁ କଣ କମ୍ କଥା । ଜଣେ ଗୃହିଣୀ ଚ଼ାହିଁଲେ ଘର ଟି ତିଷ୍ଠି ପରେ ନ ହେଲେ ନଷ୍ଟ ହୋଇ ଖଣ୍ଡ ଖଣ୍ଡ ହୋଇ ଯାଏ । ଗୋଟିଏ ପିଲାର ପ୍ରଥମ ଶିକ୍ଷକ ହେଉଛି ତାର ମା । ଯଦି ଯୁଗ୍ମ ପରିବାର ରେ ପିଲାଟି ବଢି ଥାଏ ଓ ସେଠାରେ ଯଦି ମା ,ଖୁଡି ,ବଡ ମା ,ଜେଜେମା ,ଜେଜେବାପା , କାକା,ଦଦେଇ ପ୍ରଭୃତି ଙ୍କ ସହିତ ମା ଟି ପିଲା ମାନଙ୍କୁ ମିଶାଇ ଥାଏ ତେବେ ସେଥିରୁ ଯେଉଁ ଅଫୁରନ୍ତ ଆନନ୍ଦ ମିଳେ ତାହା ବର୍ଣ୍ଣନା ବାହାରେ । ତେବେ ଆମ ଦେଶରେ ଗୃହିଣୀ ମାନଙ୍କୁ ତାଙ୍କର ପରିବାର ରେ କରିଥିବା କର୍ମ ପାଇଁ କେବେବି ପ୍ରକୃତ ଇଜ୍ଜତ ଦିଆଯାଏ ନାହିଁ ଏହା ଏକ ବହୁତ୍ ବଡ ଦୁଃଖର ବିଷୟ। ଅନେକ ଜାଗାରେ ଯେତେ ନିଜ ଘର ଓ ପରିବାର ପାଇଁ କଲେ ମଧ ନିଜ ସ୍ୱାମୀ ,ନଣନ୍ଦ ,ଶାଶୁ ଶ୍ୱଶୁର ମାନେ ତାଙ୍କୁ କୌଣସି ଇଜ୍ଜତ ଦିଅନ୍ତି ନାହିଁ। କିନ୍ତୁ ଯୁଗ ଯୁଗ ପାଇଁ ଗୃହିଣୀ ନାରୀର ସ୍ଥାନ ଶ୍ରେଷ୍ଠ ତାର ସ୍ଥାନ କେହି ନେଇ ପାରିବେ ନାହିଁ। ସେହି ଲେଖିକା ତାଙ୍କ କଲମ ମୁନରେ ଫୁଟା ଇଥିଲେ ଏକ ହୃଦୟ ସ୍ପର୍ଶୀ ଲେଖା ଯାହାର ନାମ ଥିଲା ପଣତକାନି ।ସତରେ ବୋଉ ହେଉ ,ସ୍ତ୍ରୀ ହେଉ ବା ଭଉଣୀ ହେଉ ସେମାନଙ୍କ ପାନତକାନି ରେ ଯେଉଁ ଆନ୍ତରିକତା ,ସ୍ନେହ ଶ୍ରଦ୍ଧା,ମମତା ଭରି ରହିଥାଏ ତାହା କେବଳ ମାତ୍ର ଅନୁଭବି ହିଁ ଜାଣି ପାରେ । ସେହି ଲେଖିକା ଙ୍କ ଗୋଟିଏ ଧାଡ଼ି ମନକୁ ଅତି ସୁନ୍ଦର ଭାବରେ ସ୍ପର୍ଶ କରେ । ମା ,ସ୍ତ୍ରୀ ,ଭଉଣୀ ର ପନତକାନି ହାଇଯେନିକ ଦୃଷ୍ଟିରୁ ଯଦିଓ ଅପରିଷ୍କାର ହେଇଥାଏ ତଥାପି ସେହି ପଣତକାନି ରେ ଭରି ରହିଥିବା ସ୍ନେହ ,ଶ୍ରଦ୍ଧା,ମମତା ରେ ଏତେ ଶକ୍ତି ଭରି ରହିଥାଏ ଯେ ତାର ସ୍ପର୍ଶ ରେ ପିଲାର କେବେ ବି ଅମଙ୍ଗଳ ହୋଇ ନ ଥାଏ। ଆମ ରାଷ୍ଟ୍ର ର ମୁଖ୍ୟ ଶ୍ରୀମତୀ ପ୍ରତିଭା ପାଟିଲ ଓ ବର୍ତ୍ତମାନ ର ମୁଖ୍ୟ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମଧ ଶାଢ଼ୀ କୁ ଭଲ ପାଆନ୍ତି। ଭୂତପୂର୍ବ ଆମ ଦେଶର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ମଧ ଶାଢ଼ୀ କୁ ବହୁତ୍ ଭଲ ପାଉଥିଲେ । ତାଙ୍କର ଓଡ଼ିଶା କୁ ଶେଷ ଗସ୍ତ ସମୟରେ ତାଙ୍କୁ ଯେଉଁ ସୋନପୁର ଶାଢ଼ୀ ଦିଆ ଯାଇଥିଲା ସେ ସମୟରେ ତାର ଦାମ୍ ୧୪୦୦୦ ଟଙ୍କା ଥିଲା । ଗାଁ ମାନଙ୍କରେ ଏବେ ବି ସ୍ତ୍ରୀ ଲୋକ ଟିଏ ପୋଖରୀ ବା ନଇ ରେ ଗାଧୋଇ ଥିବା ବେଳେ ସେହି ସମୟରେ ଅନେକ ପୁରୁଷ ଲୋକ ମଧ ଗାଧୋଉ ଥାଆନ୍ତି ତା ସତ୍ବେ ସ୍ତ୍ରୀ ଲୋକଟି ଏତେ ସଂଜତର ସହିତ ସେଠାରେ ନିଜର ଶାଢ଼ୀ ବଦଳାଏ ତାହା ସତରେ ଏକ ବିସ୍ମୟ ।ପରିଶେଷରେ ଖାଲି ଏତିକି ଯେ ଆମେ ମାନେ ଯେତେ ଶିକ୍ଷିତ ହେଲେ ମଧ ନିଜର ସଂସ୍କୃତି ଓ ସଭ୍ୟତା କୁ କେବେବି ଭୁଲିବା ଉଚ଼ିତ୍ ନୁହେଁ। ଶାଢ଼ୀ ଓ ଧୋତି ଆମ ସଂସ୍କୃତି ଓ ସଭ୍ୟତାର ଧରୋହର ଏହାକୁ ସମ୍ମାନ ଦେବା ନିହାତି ଆବଶ୍ୟକ।

ପ୍ଲଟ ନଂ ୨୫
ସୂର୍ଯ୍ୟ ନଗର, ଭୁବନେଶ୍ୱର
ମୋ:୯୮୬୧୦୭୫୪୦୪

# ଦଣ୍ଡଯାତ୍ରାରେ ସାମାଜିକ ରୂପକଳ୍ପ

ପ୍ରସିଦ୍ଧ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ସଂଗୃହିତ ପୂର୍ଣ୍ଣଚନ୍ଦ୍ର ଓଡିଆ ଭାଷାକୋଷ ଅନୁସାରେ ଯାତ୍ରା (ଯା ଧାତୁ + ତ୍ରଭାବ + ଆ) ବର୍ଣ୍ଣିତ ହୋଇଛି, ଯାହାର ଅର୍ଥ ଭ୍ରମଣ ବା ଗମନ କରିବା। ସେହିପରି ଶୁଭ ପରିଣୟ, ବ୍ରତୋପନୟନ, ପୁଣ୍ୟପର୍ବ ଓ ଦେବୋତ୍ସବ ଆଦିକୁ ଯାନିଯାତ୍ରା ଭାବେ ବିବେଚନା କରାଯାଏ। ଅତଏବ ଦେବତାମାନଙ୍କୁ ବିମାନରେ ଉପବେଶନ କରାଇ ଏକ ସ୍ଥାନରୁ ଅନ୍ୟତ୍ର ଭ୍ରମଣ କରିବାକୁ ଯାତ୍ରା କୁହାଯାଏ। ଓଡିଆ ଧର୍ମୀୟ ପ୍ରଭାବରେ ବାରମାସରେ ତେରପର୍ବ ଅନୁଷ୍ଠିତ। ଜଗନ୍ନାଥ ସଂସ୍କୃତିରେ ପ୍ରତ୍ୟେକ ଦିନ ପର୍ବ ପାଳିତ ହୁଏ। କିନ୍ତୁ ଯେଉଁ ପର୍ବରେ ଲୋକଙ୍କ ବହୁ ସଂଖ୍ୟାରେ ଯୋଗଦାନ ହୁଏ ତାହାକୁ ମେଳା କୁହାଯାଏ। ହିନ୍ଦୁ ଧର୍ମ ପରମ୍ପରାରେ ଦେବତାମାନଙ୍କୁ ମାନବୀୟ ସ୍ୱରୂପ ପ୍ରଦାନ କରାଯାଇ ଭକ୍ତଙ୍କ ସହ ଭାବ ମିଳନ ନିମନ୍ତେ ସ୍ୱସ୍ଥାନରୁ ଅନ୍ୟ ସ୍ଥାନକୁ ଗମନ ନିମନ୍ତେ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଭକ୍ତର ଭଗବାନ ହୋଇଥିବାରୁ ନିଜ ଯାତ୍ରା ମାଧ୍ୟମରେ ଲୋକମାନଙ୍କ ସହ ମିଶିବା ଖେଳିବା ଓ ସୁଖ ଦୁଃଖରେ ସାମିଲ ହେବାର ଧର୍ମ ପ୍ରବାହ ହିନ୍ଦୁ ଧର୍ମକୁ ଲୋକଧର୍ମ ଭାବେ ବିବେଚନା କରାଯିବା ସହ ବିଶ୍ୱର ଶ୍ରେଷ୍ଠ ଧର୍ମର ମାନ୍ୟତା ପ୍ରଦାନ କରିଛି। ଏହି ଉପକ୍ରମରେ ଯାତ୍ରା ମୁଖ୍ୟତଃ ଲୋକଦେବତା କଳ୍ପନା ସମ୍ଭୂତ ହୋଇଥିବା ବେଳେ ବୈଦିକ ଦେବତା ଶାସ୍ତ୍ରୀୟ ଅଟନ୍ତି। ବୈଦିକ ଦେବତାଙ୍କ ନାମ ଓ ସ୍ୱରୂପ ପ୍ରାୟତଃ ସମାନ ଥିବାବେଳେ ଲୋକ ଦେବାଦେବୀଙ୍କ ନାମ ସ୍ୱରୂପ ଭୌଗଳିକ ଦୃଷ୍ଟିକୋଣ, ଗ୍ରାମ ସରହଦ, ବିଶ୍ୱାସ, ଜୀବନ ଚର୍ଯ୍ୟାକୁ ଆଧାରିତ କରି ଭିନ୍ନ ଭିନ୍ନ ହୋଇଥାଏ। କିନ୍ତୁ ଉଭୟଙ୍କ ଯାତ୍ରା, ଉତ୍ସବରେ ଭକ୍ତି ହିଁ ସର୍ବସ୍ୱ ଥିବା ସହ ମନୋରନର ପ୍ରଭାବ ମଧ ଅନୁଭୂତ ହୁଏ। ଭକ୍ତି ପୂର୍ଣ୍ଣ ଧର୍ମ ପାଳନ ମାନବ ଜୀବନରେ ଶାନ୍ତି ପ୍ରଦାନ କରିବା ସହ ଅଭୟ ହେବାର ବିଶ୍ୱାସ ରହିଛି। ଯାତ୍ରାରେ ଭକ୍ତିରସ ଆନନ୍ଦ ଦାୟକ ହୋଇଥିବାରୁ ଭକ୍ତ ଭକ୍ତିରେ ତଲ୍ଲୀନ ହେବା ଏକ ସୌଭାଗ୍ୟ ଭାବେ ବିବେଚନା କରାଯାଏ।ଓଡିଶାର ନଦୀ ଉପତ୍ୟକା, ପାହାଡ ଓ ଅରଣ୍ୟ ପରିବେଷ୍ଟନୀରେ ଆଦିବାସୀ ବହୁଳ ଅଚଂଳରେ ଆଦିବାସୀ ବା ଲୋକ ସଂସ୍କୃତିର ବିଭବ ସହଜେ ଅନୁମେୟ। ମୂଳ ନିବାସୀ ଭାବେ ଆଦିବାସୀମାନଙ୍କ ଜୀବନଚର୍ଯ୍ୟା ପ୍ରକୃତିର ଚତୁଃର୍ପାଶ୍ୱରେ କେନ୍ଦ୍ରିଭୂତ ହୋଇଥାଏ। ଜୀବନ ସଂଗ୍ରାମରେ ଜୟଯୁକ୍ତ ହୋଇ ନିଜର ସଭ୍ୟତାକୁ ଅଗ୍ରସର କରିବା ଲକ୍ଷ୍ୟରେ ମାନବ ନିଜର ଅନବରତ ଉଦ୍ୟମ ଜାରିରଖିବା ସହ ନିଜର ଶାନ୍ତି ଓ ସୁରକ୍ଷା ପାଇଁ ପ୍ରକୃତିକୁ ଉପାସନା କରିଛି। ସେ ବୃକ୍ଷ, ପ୍ରସ୍ତର, ଅଗ୍ନି, ଜଳ, ପୃଥିବୀ ଆଦିକୁଦେବତା ରୂପେ ପୁଜାକରି ଦୁଃଖ ନାଶନର ମାର୍ଗ ପ୍ରଶସ୍ତ କରିପାରିଛି। ଏହି ଧର୍ମୀୟ ଭାବନାରୁ ଲୋକଦେବତାଙ୍କ ସୃଷ୍ଟି।

ଆଦିବାସୀ ସଂସ୍କୃତିରେ ସ୍ତମ୍ଭ ପୂଜାରୁ ଲିଙ୍ଗ ପୂଜା ଓ ବାଡି ପୂଜାରୁ ଦଣ୍ଡ ପୂଜାର ରୂପାନ୍ତର ହୋଇଥିବାର ବିଶ୍ୱାସ କରାଯାଏ। ପ୍ରକୃତି ପୂଜାରୁ ହିଁ ଶୈବ,ଶାକ୍ତ, ଜଗନ୍ନାଥ ସଂସ୍କୃତିର ସୃଷ୍ଟି। ବୁଦ୍ଧଦେବଙ୍କ ମହାନିର୍ବାଣ ପରେ ମୂ ି ପୂଜା ସହ ତନ୍ତ୍ରର ପ୍ରବେଶ ହେଲା ଓ ପରେ ଶୈବ ସଂସ୍କୃତିର ସମ୍ପ୍ରସାରଣ ହେବାରୁ ବୌଦ୍ଧ ସଂସ୍କୃତିର ବିଲୟ ହେଲା। ଏହି କାଳରୁ ଦଣ୍ଡନୃତ୍ୟର ପ୍ରଭାବ ଅନୁଭୂତ ହେବା ଗବେଷକଙ୍କ ମତ। ଖ୍ରୀପୂ ୨୦୦ରୁ ୩୦୦ ମଧ୍ୟରେ ଭରତଙ୍କ ନାଟ୍ୟଶାସ୍ତ୍ରରେ ଦଣ୍ଡର ବର୍ଣ୍ଣନା ଥିବାରୁ ଏହା ପୂର୍ବରୁ ଦଣ୍ଡଯାତ୍ରା ପାଳିତ ହେଉଥିବା ସ୍ପଷ୍ଟ ଅନୁମିତ। କିନ୍ତୁ ଡ. କୁଳିହାରୀ ଦାଶଙ୍କ ମତରେ ଦଣ୍ଡନୃତ୍ୟର ଅବଧି ଖ୍ରୀ ପଚଂମ ରୁ ଖ୍ରୀ ନବମ ଶତାବ୍ଦୀ ରହିଛି। ଦଣ୍ଡନୃତ୍ୟର ଉତ୍ପ ି କାଳ ବିଭିନ୍ନ ଗବେଷକଙ୍କ ଦ୍ୱାରା ନିର୍ଦ୍ଧାରୀତ ହୋଇଥିବା ବେଳେ ଏହାର ଉତ୍ପ ି ସ୍ଥାନକୁ ନେଇ ମଧ ଭିନ୍ନ ଭିନ୍ନ ମତ ରହିଛି। ଖ୍ରୀ ୮୫୦ରେ ସୋମବଂଶୀ ରାଜା ଜନ୍ମେଜୟ ସୋନପୁର ଶାସନ କରୁଥିବା ବେଳେ ବୌଦ୍ଧରାଜ୍ୟର ଗନ୍ଧତପ ନ ରାଜଧାନୀ ଥିଲା। ଏଠାରେ ରାଜା ରଣଭ ହରହରି ଯୁଗଳ ମନ୍ଦିର ସ୍ଥାପନ କରିଥିଲେ। ତାମ୍ର ଶାସନରୁ ବୌଦ୍ଧ ରାଜବଂଶ ପରମ ମହେଶ୍ୱର ବା ପରମଶୈବ ଉପାଧି ପ୍ରାପ୍ତ ଥିବା ଖ୍ରୀ ଷଷ୍ଠ ଶତାବ୍ଦୀରୁ ସ୍ପଷ୍ଟ। ଏଣୁ ସୋମବଂଶୀ ଶାସକ ଜନ୍ମେଜୟଙ୍କ ବୌଦ୍ଧ ଅଧିକାର ପୂର୍ବରୁ ଶୈବ ସଂସ୍କୃତି ବୌଦ୍ଧରେ ଥିଲା। ବୌଦ୍ଧକୁ ଉଡ୍ରଦେଶ, ମଝିମ ଦେଶ ଭାବେ ପରିଚିତ ଥିବା ସହ ଆଦିବାସୀ ବହୁଳ ଅଚଂଳ ହୋଇଥିବାରୁ ଏ ଅଚଂଳରେ ଆଦିବାସୀ ସଂସ୍କୃତି ସହ ଶୈବ, ଶାକ୍ତ, ଜଗନ୍ନାଥ ସଂସ୍କୃତି ଯଥେଷ୍ଟ ପ୍ରାଚୀନ। ଏଥି ସହ ବୌଦ୍ଧ ଓ ବୈଷ୍ଣବ ସଂସ୍କୃତିର ପ୍ରଭାବ ଅନୁଭୂତ ହୋଇଥିବାରୁ ଏହା ସଂସ୍କୃତି ସମ୍ପନ୍ନ ରାଜ୍ୟ ଥିଲା। ଉପରୋକ୍ତ ଅନୁଶୀଳନରୁ ଏହା ସ୍ପଷ୍ଟ ଅନୁମିତ ଯେ ଗନ୍ଧତପ ନ (ଗନ୍ଧରାଢୀ) ଅଂଚଳରୁ ହିଁ ଦଣ୍ଡଯାତ୍ରା ଉତ୍ପ ି, ଯାହାକି ପରବ ୀ ପର୍ଯ୍ୟାୟରେ ଭଣାସନ ପ୍ରଭାବରୁ କନ୍ଧମାଳ, ଅନୁଗୋଳ, ପୁରୀ, ଗାମ, ପଶ୍ଚିମଓଡିଶା ଆଦି ଜିଲ୍ଲାକୁ ସମ୍ପ୍ରସାରିତ ହେଲା। ଦଣ୍ଡଯାତ୍ରାରେ ଦଣ୍ଡ ବା ବାଡିକୁ ଶିବ, ପାର୍ବତୀ ରୂପେ ପୂଜା କରାଯାଉଥିବାରୁ ଏହା ଯେ ସାଧାରଣ ଲୋକ ସଂସ୍କୃତିର ସ୍ୱରୂପ ନିଃସନ୍ଦେହ। ଦଣ୍ଡନୃତ୍ୟରେ ଆଦିମ ଚଳଣି, କୃଷି, ଅରଣ୍ୟ, ବନ୍ୟଜନ୍ତୁ, ଶିକାରୀ ଓ ଶିକାର ଆଦିର ବର୍ଣ୍ଣନା ଥିବାରୁ ଏହା ମାନବୀୟ ଯାତ୍ରା ଅଟେ। ମାନବୀୟ ଜୀବନଚର୍ଯ୍ୟାରେ ପ୍ରକୃତିର ପ୍ରଭାବ ଓ ଉପାସନା ଦଣ୍ଡଯାତ୍ରାର ପ୍ରମୁଖ ସାମାଜିକ ରୂପକଳ୍ପ। ନିଜକୁ ଧର୍ମୀୟ ଧାରାରେ ବାନ୍ଧିରଖି ଅନୁଶାସନରେ ରହିବା ନିୟମ ନିଜେ ମାନବ ଦଣ୍ଡ ରୂପେ ଗ୍ରହଣ କରି ନେଇଛି। ଏହି ଭାବାବେଗ ନିଜର ଉପାସ୍ୟ ଦେବତାଙ୍କ ନିକଟରେ ସମର୍ପଣ ଭାବ ଜାଗ୍ରତ କରିଛି। ବୃଥା ଅହଙ୍କାର, କପଟକୁ ତ୍ୟାଗକରି ସରଳ ଭକ୍ତିପୂର୍ଣ୍ଣ ଜୀବନ ଯାପନର ମୁଖ୍ୟମାର୍ଗ ଯେ ଦଣ୍ଡଯାତ୍ରା, ଏହି ସନ୍ଦେଶ ପ୍ରତୀୟମାନ ହେଉଛି। ଦଣ୍ଡଯାତ୍ରାରେ ବ୍ରତଧାରୀମାନଙ୍କ ଦ୍ୱାରା ଷୋହଳ ଦଣ୍ଡ ପାଳିତ ହୁଏ ଯଥା - ଆହାର ଦଣ୍ଡ, ଉଜାଗର ଦଣ୍ଡ, ଗୃହତ୍ୟାଗ ଦଣ୍ଡ, ମୈଥୁନତ୍ୟାଗ ଦଣ୍ଡ, ପଦଚଳଣ ଦଣ୍ଡ, ଶ୍ମଶାନ, ନଦୀ, ମନ୍ଦିର ସ୍ଥାନରେ ରହିବା ଦଣ୍ଡ, ଧୂଳି ଦଣ୍ଡ, ଅଗ୍ନି ଦଣ୍ଡ, ଜଳ ଦଣ୍ଡ, ଝାମୁ ଅଗ୍ନି ପରୀକ୍ଷା ଦଣ୍ଡ, ନାଟ୍ୟ ଦଣ୍ଡ, ଗୃହ ଦଣ୍ଡ, ପାଟ ଦଣ୍ଡ, ଅଙ୍ଗବଳି ଦଣ୍ଡ, ମେରୁପଟା ଦଣ୍ଡ, ଶୁଦ୍ଧକ୍ରୀୟାଦଣ୍ଡ। ନିଜ ଶରୀରକୁ କଷ୍ଟଦେଇ ଭୌତିକ ସୁଖରୁ ବିରତି ନେଇ ଆଧ୍ୟାତ୍ମିକ ସୁଖ ପ୍ରାପ୍ତ କରିବା ଜୀବନର ଲକ୍ଷ୍ୟ ବୋଲି ମାନବ ଚିନ୍ତା କରିଛି। ଓଡିଶା ମୁଖ୍ୟତଃ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ଏ ଅଚଂଳରେ ପର୍ବପର୍ବାଣୀ, ଯାନିଯାତ୍ରାରେ କୃଷିଭି ିକ



ଡ.ଇଂ.ଜୟ କୁମାର ପଣ୍ଡା

ଦେବାଦେବୀ ଓ ପୂଜାର୍ଚ୍ଚନା ପରିଲକ୍ଷିତ ହୋଇଥାଏ। ଲୋକଦେବତା ରୂପେ ଶିବଙ୍କୁ ମଧ କୃଷିକାରୀ ରୂପେ ବିବେଚନା କରାଯାଇ ପୂଜା ହୁଏ। ଓଡିଶାର ଗଡଜାତ ଅଚଂଳରେ ବ୍ରାହ୍ମଣେତର ସମ୍ପ୍ରଦାୟରେ ଏହି ଯାତ୍ରା ବିଶେଷ ଭାବେ ଆଦୃତ। ପୌରାଣିକ କିମ୍ବଦନ୍ତୀ ଅନୁସାରେ ଋଷିପୁତ୍ରମାନେ (୧୩ଜଣ) ଅଭିଶାପରୁ ମୁକ୍ତି ନିମନ୍ତେ ପୃଥିବୀପୃଷ୍ଠରେ ଜନ୍ମ ଗ୍ରହଣ କରି ଶିବ ପୂଜା ଗ୍ରାମ ଗ୍ରାମ ବୁଲି ଖୋଲାପ୍ରାଙ୍ଗଣରେ ମୁକ୍ତ ଆକାଶରେ ଅଗ୍ନି ବର୍ଷା ଖରାରେ କରିଥାନ୍ତି। ଓଡିଶାରେ ଅଷ୍ଟ୍ରିକ ବା ନିଷାଦ ସଂସ୍କୃତିର ପ୍ରଭାବ ଥିବାରୁ ଦଣ୍ଡନାଟକୁ ଆଦିବାସୀ ନାଟକର ମାନ୍ୟତା ମିଳେ। ପରବ ୀ ପର୍ଯ୍ୟାୟରେ ବ୍ରାହ୍ମଣ୍ୟବାଦର ବିକାଶ ପରେ ଶୈବ ସଂସ୍କୃତିର ପ୍ରଭାବ ଦେଖିବାକୁ ମିଳିଛି। ଷୋହଳ ସୁଆଙ୍ଗରେ ଶିବ ପାର୍ବତୀ, ରାଧାକୃଷ୍ଣ ଉପାଖ୍ୟାନର ଉପସ୍ଥିତି ଏହା ସୂଚୀତ କରେ ଓ ଆର୍ଯ୍ୟ ସଂସ୍କୃତିର ଶାସ୍ତ୍ରୀୟ ମିଶ୍ରଣ ମଧ ଅନୁଭୂତ ହୁଏ। ଦଣ୍ଡନୃତ୍ୟରେ ଶିବଙ୍କୁ ଦଣ୍ଡ ରୂପରେ ଓ ପରଭାକୁ ଦକ୍ଷିଣକାଳୀ ରୂପେ ବିବେଚନା କରି ପୂଜାର୍ଚ୍ଚନା କରାଯାଉଥିବାରୁ ନ୍ତଶିବ ଶଙ୍କର ହେନ୍ତ ନ୍ତଚନ୍ଦ୍ରଚୂଡ ବାବାଙ୍କୁ ଭଜେନ୍ତ ନ୍ତଦକ୍ଷିଣକାଳିଙ୍କୁ ଭଜେନ୍ତ ଆଦି ମନ୍ତ୍ର ଉଚ୍ଚାରଣ ହେଉଥିବାରୁ ଶୈବ ଓ ଶାକ୍ତ ସଂସ୍କୃତିର ସମ୍ମିଳନ ଏଠାରେ ଦୃଶ୍ୟମାନ। ସେହିପରି ଦଣ୍ଡନୃତ୍ୟରେ ପ୍ରଦର୍ଶିତ ହେଉଥିବା ବୀଣାକାରିଆ ଓ ବୀଣା କାରିଆଣୀ, ଚଢେିୟା ଓ ଚଢେିୟାଣୀ, କନ୍ଧ ଓ କନ୍ଧୁଣୀ, (ଶବର ଓ ଶବରୁଣୀ), କେଳା ଓ କେଳୁଣୀ, ହାଡି ଓ ହାଡିଆଣୀ, ଧୋବା ଧୋବୁଣୀ ଆଦିର ପ୍ରଦର୍ଶନ ସାମାଜିକ ବିଧିବ୍ୟବସ୍ଥାରେ ସ୍ତ୍ରୀ ବିନା ସ୍ୱାମୀର ଭୂମିକା ନଗଣ୍ୟ ବା ୀ ପ୍ରଦାନ କରିଥାଏ। ଯେ କୌଣସି ଧର୍ମୀୟ କାର୍ଯ୍ୟରେ ଏକପାଖି ସ୍ତ୍ରୀ/ ସ୍ୱାମୀ ବିହୀନ ପୂଜା ଫଳ ପ୍ରସୂ ହୋଇ ନ ଥାଏ। ପୁନଶ୍ଚ ଖ୍ରୀଷ୍ଟପୂର୍ବ ସମୟରୁ ଏବଂ ଆର୍ଯ୍ୟୋ ସମାଜରେ ମଧ ସ୍ତ୍ରୀ ପ୍ରଧାନ ସମାଜ ଥିଲା। ଏହା ନିଃସନ୍ଦେହ। ଏଣୁ ସପ୍ତଶତୀ ପାଠରେ ମଧ ଶିବ ପାର୍ବତୀଙ୍କ ପାଣିଗ୍ରହଣ କରି ବିବାହ କରିବାରୁ ମଙ୍ଗଳମୟ ଦେବତା ଭାବେପୂଜ୍ୟ ହେବା ବର୍ଣ୍ଣିତ। ଅତଏବ ଦଣ୍ଡନାଟ ସଭ୍ୟତାର ପ୍ରତ୍ୟେକ ଦିଗକୁ ପରିସ୍ଫୁଟନ କରିବାରେ ସମର୍ଥ। ସ୍ତ୍ରୀ ଙ୍କୁ ଏ ସମାଜରେ ଉତ୍କୃଷ୍ଟ ମର୍ଯ୍ୟାଦା ପ୍ରଦାନ କରାଯାଇଥିବାରୁ ଦଣ୍ଡ ବିଧାନରୁ ମୁକ୍ତି କରାଯାଇଛି। ଦଣ୍ଡନୃତ୍ୟରେ ସ୍ତ୍ରୀ ଚରିତ୍ରରେ ପୁରୁଷଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଅତଏବ ଶିବଙ୍କ ଆତ୍ମାରେ ପାର୍ବତୀ ଓ ପାର୍ବତୀଙ୍କ ଆତ୍ମାରେ ଶିବ, ଅର୍ଥାତ୍ ପୁରୁଷ ଓ ସ୍ତ୍ରୀ ସାମାଜିକ ରୂପକଳ୍ପରେ ଏକ ଓ ଅଭିନ୍ନ ଏହି ଦିବ୍ୟ ବା ୀ ପ୍ରସାରିତ ହୁଏ। ହିନ୍ଦୁ ଧର୍ମରେ ଅଣାକାର ପୁରୁଷୋ ମ ଲିଙ୍ଗଭେଦରୁ ଯଥେଷ୍ଟ ଉର୍ଦ୍ଧ୍ୱରେ, ଏହା ପ୍ରତିପାଦିତ ।ଦଣ୍ଡଯାତ୍ରାରେ ମୁଖ୍ୟବାଦ୍ୟ ହେଉଛି ଢୋଲ। ଏହାକୁ ନ୍ତପାଟଢୋଲନ୍ତ ମଧ କୁହାଯାଏ ଓ ଏହାର ବିନମ୍ର ପୂଜା ମଧ କରାଯଏ। ଅତଏବ ଦଣ୍ଡନାଟ୍ୟରେ ସଂସ୍କୃତିର ପ୍ରତ୍ୟେକ ଉପାଦାନ ଯେ ଉପାସ୍ୟ, ଏହି ମହନୀୟତାର ନିଦର୍ଶନ ସ୍ପଷ୍ଟ। ମୁଖ୍ୟତଃ ଷୋହଳଟି ସୁଆଙ୍ଗ ପାଇଁ ଷୋହଳ ପ୍ରକାର ବାଦ୍ୟ ତାଳ ବ୍ୟବହାର କରାଯାଏ। ଏହି ତାଳ ମୁଖ୍ୟତଃ ବୀର ତାଳରେ ବାଦନ ଓ ଏଥିରେ ଅସ୍ତ୍ର ଚାଳନା କରାଯାଉଥିବାରୁ, ଓଡିଆ ଜାତିର ବୀରତ୍ୱ ଓ ନିର୍ଭୀକ ମନୋବୃ ି ସ୍ପଷ୍ଟ ଅନୁମେୟ।

ଦଣ୍ଡ ବରଣ ସମୟରେ ଓଡିଆଣୀ ନିଜର ଗୃହ ସମ୍ମୁଖରେ ଗୋବର ପ୍ରଲେପ କରି ଜଳ ଅର୍ପଣ କରିଥାଏ। ଗୁଆ, ଚାଉଳ ଓ ପୂର୍ଣ୍ଣ କୁମ୍ଭରେ ଶିବ, ପାର୍ବତୀଙ୍କୁ ବରଣ କରିବା ବିଧି ଓଡିଆ ସାମାଜିକ ସଂସ୍କୃତିର ଏକ ଉତ୍କୃଷ୍ଟ ନିଦର୍ଶନ। ମାତା ପାର୍ବତୀଙ୍କୁ ଅର୍ଦ୍ଧ ଗୋଲାକାର କଳାବର୍ଣ୍ଣ ଆବରଣରେ ସଜ୍ଜିତ କରାଯାଇଥିବା ବେଳେ ଶିବଙ୍କୁ ଏକ ଦଣ୍ଡରେ ଏକ କୁମ୍ଭ ପାତ୍ର ଉପରେ ମସ୍ତକରେ ମୁକୁଟ ବାନ୍ଧି କରି ଅରଖ, ଟଗର, ମଲ୍ଲୀ ଆଦି ପୁଷ୍ପରେ ସଜ୍ଜିତ କରାଯାଇଥାଏ। ମାଳି ବା ପାଟଭୁକ୍ତା ଠାକୁରଙ୍କୁ ପିଢା ଉପରେ ଏକ ଛତ୍ରୀ ତଳେ ସ୍ଥାପିତ କରି ପୂଜା କରୁଥିବା ବେଳେ ଅନ୍ୟ ଦଣ୍ଡୁଆମାନେ ଆଲଟଚାମର କରନ୍ତି। ଭକ୍ତର ଭକ୍ତି ଓ ସେବା ମନୋଭାବ ଦଣ୍ଡନାଟରେ ଷୋହଳ ଦଣ୍ଡ ଆଲୋଚନା ଯୋଗ୍ୟ। ନିଜର ପାପବିନାଶ, ଶାପମୁକ୍ତି ଓ ଭଗବାନ ପ୍ରାପ୍ତି ଉଦ୍ଦେଶ୍ୟରେ ଆପଣେଇ ନେଉଥିବା ଷୋହଳ ଦଣ୍ଡ ଯେ କେତେ କଠିନ ତାହା ବିଚାର୍ଯ୍ୟ। ଓଡିଆ ସଂସ୍କୃତିର ଜଗନ୍ନାଥ ମନ୍ଦିରରେ ବେତବାଡି ଖାଇ ଦକ୍ଷିଣା ଦେବା ପରମ୍ପରା ଯେମିତି ନିଆରା, ଦଣ୍ଡନୃତ୍ୟରେ ବିଭିନ୍ନ ଦଣ୍ଡ ଖାଇ ନିଜକୁ ସଂସ୍କାରିତ କରିବା ଓ ନିଜ ପରିବାର ଓ ସ୍ୱାର୍ଥକୁ ଜଳାଳି ଦେଇ ଜଗତର ସୁମନାସ କରିବା ସେତେ ହୃଦୟସ୍ପର୍ଶୀ। ପୀଡାକୁ ପର୍ବ ହିସାବରେ ପାଳନ କରିବା ପରାକାଷ୍ଠା ଓଡିଆ ଜାତିର ଅସ୍ମିତାଜାଗତ। ଘାଟ ପୂଜା ପରେ ଲିଆ, ଗୁଡ ଭୋଜନ କରିବା ପରେ ଧୂଳିଦଣ୍ଡ ଆରମ୍ଭ ହୁଏ। ମଧ୍ୟାହ୍ନ ସମୟରେ ଦଣ୍ଡୁଆମାନେ ମାଙ୍କଡଚିତ୍ (ସଜନ) ମାରି ଉ ପ୍ତ ଭୂମିରେ ପେଟେଇ ଶୋଇ ରହନ୍ତି। ଏହା ପରେ ପାଟଭୁକ୍ତା ଏହି ଦଣ୍ଡୁଆକୁ ବାସୁକି ଦର୍ଶନ କଲ କି ? ବୋଲି ପଚାରନ୍ତେ ହଁ ଶୁଣିଲେ ନ୍ତବାସୁକି ଦର୍ଶନନ୍ତ ପର୍ବ ସରିଥାଏ। ଏହାପରେ ଦଣ୍ଡୁଆମାନେ ଚିତ୍‌ହୋଇ ଉର୍ଦ୍ଧ୍ୱମୁଖ ଶୋଇ ସୂର୍ଯ୍ୟଦର୍ଶନ ବା କଇଁଛ ଦର୍ଶନ କରିଥାନ୍ତି। ଏହି ପ୍ରକ୍ରିୟାରେ ବାସୁକି ଓ ସୂର୍ଯ୍ୟପୂଜା ହିନ୍ଦୁଶାସ୍ତ୍ର ମତକୁ ସମର୍ଥନ କରୁଛି। ଏ ହବିଷ ଅନ୍ନ ସାଧାରଣତଃ ପାଣିଦଣ୍ଡରେ ୧୩ ଥର ବୁଡ ପକାଇଲା ପରେ ପୂଜା ସାରି ରାତ୍ରିରେ ଗ୍ରହଣ କରାଯାଏ। ଶ୍ୱାନରଡି ପ୍ରବେଶ, ଅନ୍ୟ ପଶୁପକ୍ଷୀର ରାବ ଓ ଅତିକ୍ରମଣ, ଖାଦ୍ୟରେ ବାଳ ଆଦି ପଡିଥିଲେ ଖାଦ୍ୟ ଗ୍ରହଣ କରାଯାଇ ନ ଥାଏ। ଏହି ସମୟରେ ବାଦ୍ୟ ବାଜିଲେ ହିଁ ଖାଦ୍ୟ ଗ୍ରହଣ କରାଯାଏ। ଓଡିଆ ଧର୍ମରେ ସା ି୍ୱକ ଭୋଜନର ଅନନ୍ୟ ପରମ୍ପରା ସ୍ପଷ୍ଟ ଅନୁମିତ।

ଦଣ୍ଡ ଆରମ୍ଭରେ ଦଣ୍ଡୁଆମାନେ ଷଣ୍ଢ (ବୃଷଭ) ରୂପେ ଅଭିନୟ କରି ଶିବ ପୂଜା କରାଯାଏ। ଏହାପରେ କ୍ରମଶଃ କୃଷିକର୍ମ ଯଥା - ହଳ ଲଙ୍ଗଳ, ଶସ୍ୟରୋପଣ , ଧାନକଟା, ଅମଳ, ଗୁଚ୍ଛାଟଣା ଆଦି ଅଭିନୟ ହୁଏ। କୃଷି ଭି ିକ ଓଡିଆ ସାମାଜିକ ଚଳଣିର ନିଚ୍ଛକ ଚିତ୍ର ଉପସ୍ଥିତ ଦର୍ଶକମାନଙ୍କୁ ଯଥେଷ୍ଟ ପ୍ରେରଣା ପ୍ରଦାନ କରିଥାଏ। ଧାନ ଏକ ପ୍ରମୁଖ ଅମଳକ୍ଷମ ଫସଲ ଓ ଗ୍ରୀଷ୍ମ ପ୍ରଧାନ ଓଡିଶାର ପଣାପାଣି ଜୀବନ ଧାରଣର ଏକମାତ୍ର ମାର୍ଗ, ଏହା ସ୍ୱତଃ ସ୍ଫୁଟିତ।

ଦଣ୍ଡ ନାଟ୍ୟରେ ରାଧାକୃଷ୍ଣ ଉପାଖ୍ୟାନ, ବାଣ୍ଡିବୁଡଲ ରୂପି ଫାର୍ସର ପ୍ରବେଶ ତତ୍କାଳୀନ ବୈଷ୍ଣବ ସଂସ୍କୃତିର ପ୍ରଭାବକୁ ସୂଚୀତ କରେ। ପୁନଶ୍ଚ ଫକୀର ଓ ଫକୀରୁଣୀ ସୁଆଙ୍ଗରେ ମୋଗଲ ସଂସ୍କୃତିର ପ୍ରଭାବକୁ ଅସ୍ୱୀକାର କରା ଯାଇ ନ ପାରେ । ଦଣ୍ଡଯାତ୍ରାରେ ବାଇଧନ, ବୀଣାକାର ବିଭିନ୍ନ ପୌରାଣିକ ତଥ୍ୟ ଉପସ୍ଥାପନା କରୁଥିବାରୁ ଏହିଯାତ୍ରା ଲୋକ ଓ ବୈଦିକ ସଂସ୍କୃତିର ଅପୂର୍ବ ମିଳନ କହିଲେ ଅତ୍ୟୁକ୍ତି ହେବନାହିଁ।

ବାଇଧନ ବା ଭାଇଧନ ଷୋହଳ ସୁଆଙ୍ଗରୁ ଅନ୍ୟତମ। ଏହି ସୁଆଙ୍ଗ ପଛରେ ଥିବା କିମ୍ବଦନ୍ତୀକୁ ଆଧାର କଲେ ଭାତୃପ୍ରେମର ନିଚ୍ଛକ ଅନୁଭୂତି ଏଥିରେ ସ୍ପଷ୍ଟ ଉପଲବ୍ଧ। ବୀଣାକାରରବେଶ ଓ ବୀଣାରେ ଥିବା ତେରଟି ପାଉଁଝି (ଘ ି) ତେର ସଂଖ୍ୟାର ମହନୀୟତା ଦର୍ଶାଉଛି। ବୀଣାକାରର ରାଜକୀୟ ଢଙ୍ଗ, ମସ୍ତକରେ ପକ୍ଷୀଚୂଳ ଆଦି ଆଦିବାସୀ ରାଜାଙ୍କ ଭ୍ରମ ସୃଷ୍ଟି କରିଥାଏ।

ସେହିପରି ମନୋରନ ଧର୍ମୀ ଦିଅର ଭାଉଜ, ବାଣ୍ଡିବୁଡଲ, ଚଢେିୟା ଓ ଚଢେିୟାଣୀ ଦଣ୍ଡନୃତ୍ୟରେ ନୂତନ ଅହ୍ଲାଦ ସୃଷ୍ଟି କରେ। ଆଜିକାଲି ବ୍ରତଧାରୀ ଦଣ୍ଡୁଆଙ୍କ ବ୍ୟତିତ ଭଡାଟିଆ ଅଭିନୟ ଗୋଷ୍ଠୀ ଦଣ୍ଡରେ ମିଶିଥିବାରୁ ଦଣ୍ଡନୃତ୍ୟର କଠିନ ପରମ୍ପରା ଲଘୁ ବିବେଚିତ ହୋଇଛି। ରସାତ୍ମକ ସାଂସାରିକ ସମ୍ପର୍କ ଦଣ୍ଡନୃତ୍ୟ ପରମ୍ପରାର ଅନନ୍ୟ ବିଭବ ଅଟେ।

୯, ୧୩,୨୧ ଦିନ ଆଦି ଦଣ୍ଡଯାତ୍ରାର ଶେଷଦିନକୁ ମେରୁଯାତ୍ରା, ଝାମୁଯାତ୍ରା ବା ପଣାସଂକ୍ରାନ୍ତି ରୂପେ ପ୍ରସିଦ୍ଧ। ଏହିଦିନ ମେରୁରେ ଅର୍ଥାତ୍ ଏକ କାଷ୍ଠ ଦଣ୍ଡରେ ପାଟଦଣ୍ଡୁଆ ବା ପାଟଭୁକ୍ତାକୁ ଓଲଟାଇ ତେରଥର ଝୁଲାଉଥିବାରୁ ଏହା ମେରୁଦଣ୍ଡ ବା ମେରୁଯାତ୍ରା କୁହାଯାଏ। ଅଗ୍ନିକୁଣ୍ଡରେ ଚାଲି ଚାଲି ଯାଇ ବିନା କ୍ଷତରେ ଆସୁଥିବାରୁ ଏହାକୁ ଝାମୁଯାତ୍ରା କରାଯାଏ। ପଣା ଦାନ କରି ଶିବ ଓ ପାର୍ବତୀଙ୍କୁ ପ୍ରୀତ କରୁଥିବାରୁ ପଣାସଂକ୍ରାନ୍ତି କୁହାଯାଏ। ଏହି ପର୍ବରେ ଜଳ ଓ ଅଗ୍ନିର ଅପୂର୍ବ ସମ୍ମିଳନି ପ୍ରଣିଧାନ ଯୋଗ୍ୟ। ବିଭିନ୍ନ ପ୍ରକାର ଚର୍ମରୋଗରୁ ମୁକ୍ତି ନିମନ୍ତେ ଅଗ୍ନିଦଣ୍ଡ ଯଥେଷ୍ଟ ଉପକାରୀ। ସାମାଜିକ ଚଳଣି ଦଣ୍ଡନୃତ୍ୟରେ ପ୍ରତ୍ୟେକ ରୂପକଳ୍ପରେ ନିଚ୍ଛକ ଅବତରିତ ହେଉଥିବାରୁ ଦଣ୍ଡନୃତ୍ୟ ଯେ ଭକ୍ତି ଓ ମନୋରନ ଧର୍ମୀ ସାଂସ୍କୃତିକ ଯାତ୍ରା ଓ ଓଡିଆର ଏକ ସ୍ୱତନ୍ତ୍ର ପରିଚୟ, ଏହା ନିଶ୍ଚିତ।

ଶିକ୍ଷାବିତ, ପ୍ରାକ୍ତନ ଅର୍ଥକମିଟି ସଦସ୍ୟ
ଓଡିଶା ସାହିତ୍ୟ ଏକାଡେମୀ, ବୌଦ୍ଧ
ମୋ : ୮୭୬୩୩୪୭୯୫୮

# ବର୍ଷ ପ୍ରତିପଦା



ଗୋଲଖ ଚନ୍ଦ୍ର ଦାସ

ଚୈତ୍ରମାସି ଜଗତ୍ ବ୍ରହ୍ମା ସସର୍ଜ ପ୍ରଥମୋଃହନି ।
ଶୁକ୍ଳପକ୍ଷେ ସମଗ୍ରନ୍ତୁ ତଦା ସୂର୍ଯ୍ୟୋଦୟ ଭାତି ॥ (ବ୍ରହ୍ମ ପୁରାଣ)

ହିନ୍ଦୁ ପଂଚାଙ୍ଗର ପ୍ରଥମ ତିଥିକୁ 'ପ୍ରତିପଦା' କୁହାଯାଏ । ଏଥିରେ 'ପ୍ରତି'ର ଅର୍ଥ ହେଉଛି ସାମ୍ନାରେ ଏବଂ 'ପାଦ'ର ଅର୍ଥ ହେଉଛି ଆଗକୁ ବଢ଼ିବା । ନୂତନ ବର୍ଷର ଆରମ୍ଭ ଚୈତ୍ର ଶୁକ୍ଳ ' ପ୍ରତିପଦା'ରୁ ହିଁ ବିବେଚନା କରାଯାଏ ଏବଂ ଏହି ଦିନଠାରୁ ଗଣିତଜ୍ଞ ଏବଂ ଜ୍ୟୋତିର୍ବିଜ୍ଞାନ ଗଣନା ଅନୁଯାୟୀ ଗ୍ରହ, ବାର, ମାସ ଏବଂ ସମ୍ବତ୍ସର ଆରମ୍ଭ ହେବାକୁ ବିବେଚନା କରାଯାଏ। ଆଜି ବି, ଏହି ଶାସ୍ତ୍ରସମ୍ମତ ସମୟର ଗଣନା, ଯାହା ଜନସାଧାରଣଙ୍କ ସହ ଜଡିତ, ବ୍ୟବହାରିକତାର ପରୀକ୍ଷାରେ ଉତୀର୍ଣ୍ଣ ହୋଇଛି । ଏହାକୁ ରାଷ୍ଟ୍ରୀୟ ଗୌରବଶାଳୀ ପରମ୍ପରାର ପ୍ରତୀକ ଭାବରେ ବିବେଚନା କରାଯାଏ ।

ବିକ୍ରମ ସମ୍ବତ୍ କୌଣସି ସଂକୀର୍ଣ୍ଣ ବିଚାରଧାରା କିମ୍ବା କୌଣସି ସମ୍ପ୍ରଦାୟର ନୁହେଁ। ଆମେ ଏହାକୁ ପନ୍ଥନିରପେକ୍ଷ ଭାବରେ ଦେଖୁ । ଏହି ସମ୍ବତ୍ସର କୌଣସି ଦେବୀ, ଦେବତା କିମ୍ବା ମହାନ ବ୍ୟକ୍ତିଙ୍କ ଜନ୍ମ ଉପରେ ଆଧାରିତ ନୁହେଁ କିମ୍ବା ଏହା ଖ୍ରୀଷ୍ଟ କିମ୍ବା ହିଜରୀ କ୍ୟାଲେଣ୍ଡର ପରି କୌଣସି ନିର୍ଦ୍ଦିଷ୍ଟ ଜାତି କିମ୍ବା ସମ୍ପ୍ରଦାୟ ସହିତ ଜଡିତ ନୁହେଁ। ଆମର ଗୌରବମୟ ପରମ୍ପରା ଶୁଦ୍ଧ ଅର୍ଥରେ ପ୍ରକୃତିର ଜ୍ୟୋତିର୍ବିଜ୍ଞାନ ନୀତି ଉପରେ ଆଧାରିତ ଏବଂ ଭାରତୀୟ କାଳଗଣନାର ଆଧାର ସମ୍ପୂର୍ଣ୍ଣ ପନ୍ଥନିରପେକ୍ଷ ଅଟେ । ପ୍ରତିପଦାର ଏହି ଶୁଭ ଦିନ ଭାରତୀ ବର୍ଷର ଗୌରବମୟ ପରମ୍ପରାର ପ୍ରତୀକ ଅଟେ। ବ୍ରହ୍ମପୁରାଣ ଅନୁଯାୟୀ ଭଗବାନ ବ୍ରହ୍ମା ଚୈତ୍ର ମାସର ପ୍ରଥମ ଦିନରେ ହିଁ ସୃଷ୍ଟି ସରଂଚନା ଆରମ୍ଭ କରିଥିଲେ। ଏହା ହେଉଛି ଭାରତୀୟମାନଙ୍କର ବିଶ୍ୱାସ, ସେଥିପାଇଁ ଆମେ ଚୈତ୍ର ଶୁକ୍ଳ ପ୍ରତିପଦକୁ ନୂତନ ବର୍ଷର ପ୍ରଥମ ଦିନ ବୋଲି ମାନିଥାଉ । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବର୍ଷ ପ୍ରତିପଦା ମଧ ଅତ୍ୟନ୍ତ ପବିତ୍ର ବୋଲି ବିବେଚନା କରାଯାଏ । ବର୍ଷ ପ୍ରତିପଦାକୁ ମହାରାଷ୍ଟ୍ରରେ 'ଗୁଡ଼ି ପଡ୍ୱା ', ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନାରେ 'ଉଗାଡି', କର୍ଣ୍ଣାଟକରେ ଯୁଗାଡି,ଜାମ୍ମୁ କାଶ୍ମୀରରେ 'ନଭରେହ', ମଣିପୁରରେ ସାଜିବୁ ନୋଙ୍ଗମା-ପାନବ୍ୱା,ପଞ୍ଜାବ, ହରିୟାଣାରେ 'ବୈଶାଖୀ' ଆଦି ନାମରେ ନବ ବର୍ଷ ପାଳନ କରାଯାଏ। ଚୈତ୍ର ଶୁକ୍ଳ ପ୍ରତିପଦାକୁ ରାଷ୍ଟ୍ରୀୟ ନବ ବର୍ଷ ଭାବରେ ପାଳନ କରିବାର ଉଦ୍ଦେଶ୍ୟ ହେଉଛି ଭଗବାନ ବ୍ରହ୍ମା ଏହି ଦିନ କାଳଗଣନା ଆରମ୍ଭ କରିଥିଲେ । ଦେବୀଦେବତା ମାନେ ସୃଷ୍ଟିର ସଂରଚନା ଆରମ୍ଭ କରିଥିଲେ ବୋଲି ଅଥର୍ବ ବେଦରୁ ଜଣାଯାଏ । ଶାସ୍ତ୍ର ଅନୁଯାୟୀ ଚାରି ଯୁଗର ପ୍ରଥମ ସତ୍ୟଯୁଗର ଆରମ୍ଭ ଏହି ଦିନ ହୋଇଥିଲା ବୋଲି ବିଶ୍ୱାସ କରାଯାଏ । ରାଜା ବିକ୍ରମାଦିତ୍ୟଙ୍କ ପରି ଶାଳିବାହନ ହୁଣ ଓ ଶାକଙ୍କୁ ପରାସ୍ତ କରି ଭାରତରେ ସର୍ବୋତମ ରାଜ୍ୟ ପ୍ରତିଷ୍ଠା କରିବାକୁ ଏହି ଦିନ ବାଛିଥିଲେ । ତେଣୁ ଏହି ଦିନ ଶକାବ୍ଦ ଏବଂ ଶାଳିବାହାନାବ୍ଦ ଆରମ୍ଭ ହୋଇଥିଲା । ବିକ୍ରମ ସମ୍ବତ୍ ମଧ ହୋଇଥିଲା । ଏହି ଦିନକୁ ଭଗବାନ ଶ୍ରୀ ରାମଙ୍କ ରାଜ୍ୟଭିଶେକ ଦିବସ ଭାବରେ ମଧ ବିବେଚନା କରାଯାଏ। ଶକ୍ତି ଏବଂ ଭକ୍ତିର ନଅ ଦିନ ଅର୍ଥାତ୍ ଏହା ହେଉଛି ନବରାତ୍ରି ର ପ୍ରଥମ ଦିନ । ଏହା ହେଉଛି ଶିଖମାନଙ୍କର ଦ୍ୱିତୀୟ ଗୁରୁ ଶ୍ରୀ ଅଙ୍ଗଦଦେବଙ୍କର ଜନ୍ମଦିନ । ଏହି ଦିନ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଆର୍ଯ୍ୟ ସମାଜ ପ୍ରତିଷ୍ଠା କରିଥିଲେ । ଏହି ଦିନ ସିନ୍ଧ ପ୍ରଦେଶର ପ୍ରସିଦ୍ଧ ସମାଜରକ୍ଷକ ସନ୍ଥ ଝୁଲେଲାଲଙ୍କ ଜନ୍ମଦିନ। ଏହି ଦିନ ସମ୍ରାଟ ଯୁଧିଷ୍ଠିରଙ୍କ ମଧ ରାଜ୍ୟଭିଶେକ ହୋଇଥିଲା। ଏହି ଶୁଭ ଦିନରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠାତା ଡ଼କ୍ଟର କେଶବ ବଳିରାମ ହେଡଗେୱାର ଜନ୍ମ ଗ୍ରହଣ କରିଥିଲେ ।

ମହାନ ଗଣିତଜ୍ଞ ଭାସ୍କରାଚାର୍ଯ୍ୟ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଦିନ ମାସ ଏବଂ ବର୍ଷ ହିସାବ କରି ହିନ୍ଦୁ ପଞ୍ଜିକା ରଚନା କରିଥିଲେ । ଚୈତ୍ର ଶୁକ୍ଳପ୍ରତିପଦାରୁ ଅନେକ ସ୍ଥାନରେ ନୂତନ ପଞ୍ଜିକା ଆରମ୍ଭ ହୋଇଥାଏ ଏବଂ ବର୍ଷସାରା ପର୍ବ, ଉତ୍ସବ ଏବଂ ରୀତିନୀତିର ଶୁଭ ସମୟ ସ୍ଥିର ହୋଇଥାଏ ।

ଏହି ଦିନ ଆମର ସାମାଜିକ ତଥା ଧାର୍ମିକ କାର୍ଯ୍ୟକଳାପ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ତିଥି ଭାବରେ ସ୍ୱୀକୃତି ଲାଭ କରିଛି । ଏହା ରାଷ୍ଟ୍ରୀୟ ସ୍ୱାଭିମାନ ଓ ସାଂସ୍କୃତିକ ଐତିହ୍ୟକୁ ବଂଚାଇଥିବା ଏକ ପୁଣ୍ୟ ଦିବସ । ଆମେ ପ୍ରତିପଦାରୁ ଆରମ୍ଭ କରି ନଅ ଦିନରେ ଛଅ ମାସ ପାଇଁ ଶକ୍ତି ସଂଚୟ କରୁ, ତା' ପରେ ଆଶ୍ୱିନ ମାସର ନବରାତ୍ରିରେ ଆମେ ବାକି ଛଅ ମାସ ପାଇଁ ଶକ୍ତି ସଂଚୟ କରୁ । ଶୀତ ଋତୁର ନବବର୍ଷ ଧରିତ୍ରୀର ଦୃଶ୍ୟଠାରୁ ବସନ୍ତର ନବପଲ୍ଲବ ନବବର୍ଷର ଉତ୍ସବ ପାଇଁ ଅଧିକ ଉପଯୋଗୀ ପରିବେଶ ପ୍ରଦାନ କରିଥାଏ । ଭାରତୀୟ କାଳଗଣନା ପଦ୍ଧତି ଓ ନବବର୍ଷ ଉଭୟ ସ୍ୱଦେଶର ମାଟି, ପାଣି, ପବନ ସହ ଜଡ଼ିତ । ଆମେ ଆମର ପାରିବାରିକ ଜୀବନର ପ୍ରାୟ ସମସ୍ତ ଶୁଭକାର୍ଯ୍ୟ ଯେପରି ବିବାହ ସଂସ୍କାର, ଶୁଭ ମୁହୂର୍ତ୍ତ, ଜନ୍ମ ଜାତକ, ପିତୃ ଶ୍ରାଦ୍ଧ ଇତ୍ୟାଦି ସମସ୍ତ କାର୍ଯ୍ୟ ପୂଜନ ଆଦି ସମ୍ବତ ଅନୁସାରେ କରିଥାଉ ।

ଆଜି ମଧ ଭାରତରେ ପ୍ରକୃତି, ଶିକ୍ଷା ଏବଂ ସରକାରୀ ରାଜକୋଷ ଇତ୍ୟାଦିର ଚାଲାଣ-ସଂଚାଳନ ପାଇଁ ମାର୍ଚ୍ଚ ଏବଂ ଅପ୍ରେଲକୁ ଚୈତ୍ର ଶୁକ୍ଳ ପ୍ରତିପଦା ଭାବରେ ବିବେଚନା କରାଯାଏ। ଏହି ସମୟ ହେଉଛି ଦୁଇଟି ଋତୁର ସନ୍ଧିକାଳ । ଏଥିରେ ରାତି ଛୋଟ ହୋଇଯାଏ ଏବଂ ଦିନଗୁଡ଼ିକ ଲମ୍ବା ହୋଇଯାଏ । ପ୍ରକୃତି ଏକ ନୂତନ ରୂପ ନେଇଥାଏ । ଲାଗୁଥାଏ ଯେ ନବପଲ୍ଲବ ଧାରଣକରି ପ୍ରକୃତି ନବ ସଂରଚନା ପାଇଁ ଶକ୍ତି ପ୍ରାପ୍ତ କରୁଛି । ମଣିଷ, ପଶୁ ଏବଂ ପକ୍ଷୀ, ଏପରିକି ଜଡ-ଚେତନ ପ୍ରକୃତି ମଧ ପ୍ରମାଦ ଏବଂ ଆଳସ୍ୟକୁ ତ୍ୟାଗ କରି ସଚେତନ ହୋଇ ଯାଆନ୍ତି । ଏହା ମଧ ବସନ୍ତୋତ୍ସବର ଆଧାର । ଏହି ସମୟରେ ବରଫ ତରଳିବା ଆରମ୍ଭ କରେ । ପ୍ରକୃତିର ସବୁଜତା ନୂତନ ଜୀବନର ପ୍ରତୀକ ହୋଇ ଆମ ଜୀବନ ସହିତ ଯୋଡି ହୋଇଯାଏ ।

ଘିଘିଡିଆ, ବାରୁଅ, କେନ୍ଦ୍ରାପଡା
ମୋ-୯୮୬୧୦୬୯୫୫୩




# ଶିଶୁ କିଶୋରଙ୍କ ନୃତ୍ୟରେ ଓ ଓଡିଆଣୀଙ୍କ ଦଳଗତ ଆଲୋଚନାରେ ବିତିଲା ସଂଧ୍ୟା

ଭୁବନେଶ୍ୱର,(ପି.ଏନ): ଓଡିଆ ଭାଷା,ସଂସ୍କୃତି,ପରମ୍ପରା ତଥା ଓଡ଼ିଆ ଅସ୍ମିତାର ସୁରକ୍ଷା ତଥା ପ୍ରଚାର ପ୍ରସାର ଲକ୍ଷ୍ୟରେ ସଂଭାବନା ପକ୍ଷରୁ ଅଠର ବର୍ଷ ଧରି ଚାଲିଥିବା ଓଡ଼ିଆ ମହୋତ୍ସବ ଓ ଏହାର ମୁଖ୍ୟ ଆକର୍ଷଣ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାର ଦ୍ୱିତୀୟ ପର୍ଯ୍ୟାୟ ଉତ୍ସବରେ ଶିଶୁ-କିଶୋର ଓଡ଼ିଆ ସ୍ୱାଭିମାନ ପ୍ରତିଯୋଗିତା ଅ'ର୍ଗତ ଓଡ଼ିଶୀ ଓ ଲଘୁନୃତ୍ୟ ପ୍ରତିଯୋଗିତା ସହ ଓଡ଼ିଆଣୀମାନଙ୍କ ମଧ୍ୟରେ ଦଳଗତ ଆଲୋଚନା, ଓଡ଼ିଆ ଭାଷାଜ୍ଞାନ ଓ ଢଗଢମାଳି ପ୍ରତିଯୋଗିତା ଭାରତ ସ୍କାଉଟ୍ ଓ ଗାଇଡ୍ସ୍ ମ ରେ ଅନୁଷ୍ଠିତ ହୋଇଯାଇଛି। ଓଡିଶୀ ନୃତ୍ୟ ସହ ରଚିପୂର୍ଣ୍ଣ ଓଡିଆ ସଂଗୀତର ତାଳେ ତାଳେ ଲଘୁନୃତ୍ୟ ପରିବେଷଣ କରି ଶିଶୁ ଓ କିଶୋରମାନେ ଉପସ୍ଥିତ ଦର୍ଶକବୃନ୍ଦଙ୍କୁ ମୋହିତ କରିବା ସହ ଓଡ଼ିଆ ସଂସ୍କୃତି ଓ ପରମ୍ପରା ସହ ନିଜ ନିଜର ସଂପର୍କକୁ ପ୍ରମାଣିତ କରିଥିଲେ। ସେହିଭଳି ଓଡ଼ିଆ ମହୋତ୍ସବର ମୁଖ୍ୟ ଆକର୍ଷଣ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାର ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଆଣୀମାନଙ୍କ ମଧ୍ୟରେ ଦଳଗତ ଆଲୋଚନା, ଓଡ଼ିଆ ଭାଷାଜ୍ଞାନ ଓ ଢଗଢମାଳି ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା।ସଂଭାବନାର ସଂପାଦକ ଦେବ ପ୍ରସାଦ ପରିଜାଙ୍କର ପ୍ରାରମ୍ଭିକ ସୂଚନା ପରେ ମ ରେ ଉପସ୍ଥିତ ଥିବା ସଂଭାବନାର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ର, ବିକେ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଗଜେନ୍ଦ୍ର ପାଢୀ,ସହିତ୍ୟିକ ଇଂ ଜାମିନୀକା' ଦାସ,ଇତିହାସକାର ଡ. ଅମିୟ କୁମାର ମହାଁ ଓ ସ୍ତମ୍ଭକାର ଡ. ସିଦ୍ଧାର୍ଥ କାନୁନ୍‌ଗୋ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉପସ୍ଥିତ ଶିଶୁ-କିଶୋର ନୃତ୍ୟ ପ୍ରତିଭାମାନଙ୍କୁ ଉତ୍ସାହିତ କରିଥିଲେ। ଓଡ଼ିଶୀ ଓ ଲଘୁନୃତ୍ୟ ପ୍ରତିଯୋଗିତାର ବିଚାରକ ଭାବେ ଯୋଗ ଦେଇଥିଲେ, ଗୁରୁ ମିନାକ୍ଷୀ ବେହେରା, ଦେବବ୍ରତ ଦାସ, ପୁଷ୍ପାଳି ନାୟକ ଓ ଅଭିପ୍ସା ଭ। ସେହିଭଳି ଦଳଗତ ଆଲୋଚନାରେ ବିଚାରକ ଭାବେ ଉପସ୍ଥିତ ଥିଲେ ଡ. ନିରୁପମା ମହାପାତ୍ର ଓ ଡ.ଅମ୍ବରୀଶ ଶତପଥି। ପଚାଶରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।ଏହି କାର୍ଯ୍ୟକ୍ରମକୁ ସଂଭାବନାର ଟ୍ରଷ୍ଟି ସ୍ମୃତି ମହାଁ,ସଦସ୍ୟ ରାଜଶ୍ରୀ ଶତପଥି,ପ୍ରଫୁଲ୍ଲ ଦେ ପ୍ରମୁଖ ପରିଚାଳନା କରିଥିଲେ। ଆସ'। ଅପ୍ରେଲ ୧୦ ତାରିଖରୁ ୧୪ ତାରିଖ ପର୍ଯ୍ୟ' ଭାରତ ସ୍କାଉଟ୍ ଓ ଗାଇଡ୍ସ୍ ମ ରେ ଅନୁଷ୍ଠିତ ହେବ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାର ପା ଦିନିଆ ଉଦ୍‌ଯାପନୀ ଉତ୍ସବ ବୋଲି ଏହି ଅବସରରେ ସୂଚନା ଦିଆଯାଇଥିଲା।

## ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ୬୧ ତମ ସାମୁଦ୍ରିକ ଦିବସ ପାଳିତ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ମେରାଇନ୍ ସାଇଟ୍ କାର୍ଯ୍ୟାଳୟ ନିକଟସ୍ଥ ୱେଟ ବେସିନ ଠାରେ ଶୁକ୍ରବାର ଦିନ ୬୧ ତମ ସାମୁଦ୍ରିକ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ପାରାଦୀପ ବନ୍ଦର ପରିବାରର ଅଦମ୍ୟ ଆତ୍ମବିଶ୍ୱାସ ଓ ପ୍ରଚେଷ୍ଟା ଯୋଗୁଁ ବନ୍ଦରର ୫୭ ବର୍ଷ ଇତିହାସରେ ପ୍ରଥମ ଥର ପାଇଁ ପାରାଦୀପ ବନ୍ଦର ପଣ୍ୟ କାରବାର କ୍ଷେତ୍ରରେ ଦୀନଦୟାଲ ବନ୍ଦରକୁ ପଛରେ ପକାଇ ଦେଶର ୧ ନମ୍ବର ବୃହତ ବନ୍ଦର ହେବାର ସଫଳତା ହାସଲ କରିପାରିଛି । ଏହି କାର୍ଯ୍ୟକ୍ରମରେ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବନ୍ଦରକୁ ମାନବ ଶରୀର ସହିତ ତୁଳନା କରି ସାମୁଦ୍ରିକ ବିଭାଗ ଏହାର ହୃଦୟ ବୋଲି କହିଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଟ୍ରାଫିକ ଉପଦେଷ୍ଟା ଏ.କେ.ବୋଷ, ବନ୍ଦର ଉପ ସରଂକ୍ଷକ କ୍ୟାପ୍‌ଟେନ ଏ.ସି.ସାହୁ ଙ୍କ ସମେତ ବହୁ ଉଚ୍ଚ ପଦସ୍ଥ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ କ୍ଷ ଭାରତୀୟ ସାମୁଦ୍ରିକ ଶିଳ୍ପରେ ସେବା ତଥା ଅତୁଳନୀୟ ଅବଦାନ ପାଇଁ ବନ୍ଦର ମେରାଇନ ମାଷ୍ଟର କ୍ୟାପ୍‌ଟେନ ତୁଷାରକାନ୍ତି ସାହୁ ଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା ।

ଜାତୀୟ ସାମୁଦ୍ରିକ ଦିବସ ଅବସରରେ ସନ୍ତରଣ, ହେଭିଂ ଲାଇନ ଥ୍ରୋ ଏବଂ ଦଉଡି ଚଢା ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା କ୍ଷ ଏଥିରେ ବିଭିନ୍ନ ପ୍ରତିଯୋଗିତାର ବିଜେତା ମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା

ବନ୍ଦର ହାରବର ମାଷ୍ଟର କ୍ୟାପ୍‌ଟେନ ଇନ୍ଦ୍ରନିଲ ମୁଖାର୍ଜୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ମେରାଇନ ଯନ୍ତ୍ରୀ ବବଲୁ ସିକଦାର ଧନ୍ୟବାଦ ଅର୍ପଣ କରିଥିଲେ।

## ପାରାଦୀପ ବିଧାନସଭା ନିର୍ବାଚ଼ନ ମଣ୍ଡଳୀରେ ବସନ୍ତଙ୍କୁ ପ୍ରାର୍ଥୀ ପାଇଁ ଦଳୀୟ କର୍ମୀଙ୍କ ଦାବୀ: ବିଧାୟକ ସମ୍ବିତ ଙ୍କୁ ପ୍ରବଳ ବିରୋଧ

ପାରାଦୀପ ,(ପି.ଏନ): ୨୦୨୪ ସାଧାରଣ ନିର୍ବାଚ଼ନ ପାଇଁ ପାରାଦୀପ ବିଧାନସଭା ନିର୍ବାଚ଼ନ ମଣ୍ଡଳୀରେ ବିଜେପି ର ପ୍ରାର୍ଥୀ ଙ୍କ ନାମ ପାଞ୍ଚ ଦିନ ହେବ ଘୋଷଣା ହୋଇଥିବା ବେଳେ ବିଜେଡି ର ପ୍ରାର୍ଥୀ ଙ୍କ ନାମ ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ କ୍ଷ ଅନ୍ୟପକ୍ଷରେ ରାହାମା, କୁଜଙ୍ଗ, ପାରାଦୀପ ସମେତ ନିର୍ବାଚ଼ନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ବର୍ତ୍ତମାନ ର ବିଜେଡି ବିଧାୟକ ସମ୍ବିତ ରାଉତରାୟ ଙ୍କ ପ୍ରାର୍ଥୀତ୍ୱ କୁ ନେଇ ଦଳୀୟ ମହଲରେ ତୀବ୍ର ବିରୋଧ ଆରମ୍ଭ ହୋଇଛି କ୍ଷ ଏହି ପରିପ୍ରେକ୍ଷୀରେ ପାରାଦୀପ ର ଶ୍ରମିକ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ରେ କୁଜଙ୍ଗ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ମୃତି ରଞ୍ଜନ ବେହେରା,ବିଜେଡି ନେତା ମନୋଜ ବେହେରା, ପୂର୍ବତନ ସରପଞ୍ଚ ଙ୍କ ସମେତ ବହୁ ଦଳୀୟ କର୍ମୀ ସମ୍ବିତ ଙ୍କୁ ବିରୋଧ କରି ଜଣେ ଦକ୍ଷ ରାଜନେତା ଙ୍କୁ ପ୍ରାର୍ଥୀ କରିବାକୁ ଦାବୀ କରିଛନ୍ତି କ୍ଷ ତେବେ ସେମାନେ ପାରାଦୀପ ପୌରାଧ୍ୟକ୍ଷ ତଥା ବିଜେଡି ସଭାପତି ବସନ୍ତ ବିଶ୍ୱାଳ ଙ୍କୁ ଚଳିତ ନିର୍ବାଚ଼ନ ରେ ପାରାଦୀପ ବିଧାନସଭା ର ବିଜେଡି ପ୍ରାର୍ଥୀ ଭାବେ ଟିକେଟ ଦେବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ଓ ଭି.କେ. ପାଣ୍ଡିଆନ ଙ୍କୁ ଅନୁରୋଧ କରିଛନ୍ତି କ୍ଷ ବିଗତ ପାଞ୍ଚ ବର୍ଷରେ ବିଧାୟକ ରହିଥିବା ବେଳେ ସମ୍ବିତ ନିର୍ବାଚ଼ନ ମଣ୍ଡଳୀରେ ଲୋକ ସମ୍ପର୍କ ନରଖିବା, କୌଣସି ସ୍ଥାନୀୟ ସମସ୍ୟାରେ ଜଡିତ ନହେବା, କୌଣସି ଦଳୀୟ କର୍ମୀ ବା ସଂଗଠନ କୁ ସୁଦୃଢ ଇତ୍ୟାଦି ନକରିବା ଯୋଗୁଁ ଦଳୀୟ କର୍ମୀ ଙ୍କ ସହ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଥିବା ନେଇ ଅଭିଯୋଗ କରାଯାଇଛି କ୍ଷ ଏଣୁ ପୁନର୍ବାର ସମ୍ବିତ ଙ୍କୁ ଟିକେଟ ପ୍ରଦାନ କଲେ ଦଳ ନିଶ୍ଚିତ ଏଠାରେ ପରାଜିତ ହେବ ବୋଲି ସୂଚ଼ନା ଦେଇ ଏହି ଦଳୀୟ ନେତୃତ୍ୱ ମାନେ ଯଦି ଦଳ ପୁନର୍ବାର ସମ୍ବିତ ଙ୍କୁ ଟିକେଟ ଦିଏ, ତେବେ ତାଙ୍କୁ ଘୋର ବିରୋଧ କରାଯିବ ବୋଲି ଏହି ସାମ୍ବାଦିକ ସମ୍ମିଳନୀ ରେ ସମସ୍ତ ନେତୃତ୍ୱ କ୍ଷୋଭ ର ସହ ପ୍ରକାଶ କରିଥିଲେ

## ସାହିତ୍ୟ ସମାଜକୁ ଦିଗଦର୍ଶନ କରାଏ



କୋରାପୁଟ ଜିଲ୍ଲା:ଜୟପୁର ୮|୪ ପୂଜ୍ୟପୂଜା ସଂସଦ ଜୟପୁର ର ଶଡବିଂଶତମ୍ ବାର୍ଷିକ ଉତ୍ସବ ସ୍ଥାନୀୟ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଜୟପୁରରେ ଅନୁଷ୍ଠିତ ହୋଇଯାଇଛି ।ଇଁ କେଦାର ନାଥ ବେହେରାଙ୍କ ସଭାପତିତ୍ୱରେ ଭଞ୍ଜ ସାହିତ୍ୟ ବିଷୟ ମୁଖ୍ୟ ଆଲୋଚ଼କ ଭାବେ ଦୂରଦର୍ଶନ ଓ ଆକାଶବାଣୀ ର ସେବା ନିବୃତ୍ତ ଉ କେନ୍ଦ୍ର ନିର୍ଦ୍ଦେଶକ ଡକ୍ଟର ଶାନ୍ତନୁ କୁମାର ରଥ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ଭଞ୍ଜସାହିତ୍ୟ ଓଡ଼ିଆ ସାହିତ୍ୟ କୁ ଧନ୍ୟ କରିପାରିଛି । ଗାଳ୍ପିକ ନାରାୟଣ ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗଦେଇ ପୂଜ୍ୟପୂଜା ର ବ୍ୟତିକ୍ରମ ହେବାର ନାହିଁ ବା ଏହାର ବିକଳ୍ପ ମଧ୍ୟ ନାହିଁ । ସମ୍ମାନିତ ଅତିଥି ରୂପେ ସାହିତ୍ୟିକ ପ୍ରେମାନନ୍ଦ ଦାସ ଯୋଗ ଦେଇ ଓଡ଼ିଆ ଭାଷାର ନିଖୁଣ ବ୍ୟବହାର ସଂପର୍କରେ ମତ ରଖିଥିଲେ । ବାର୍ଷିକ କବିତା ପାଠଉତ୍ସବ ରେ ଶତାଧିକ କବି ଓ କବୟିତ୍ରୀ ଯୋଗଦେଇ ନିଜ କବିତା ପାଠ କରିଥିଲେ । କବିତା ଗୁଡ଼ିକ ସଂଯୋଜନା କରିଥିଲେ କବୟିତ୍ରୀ ମମତା ମହାପାତ୍ର ଓ ସୌମ୍ୟା ଶାଶ୍ୱତୀ ମହାନ୍ତି । ଦ୍ୱିତୀୟ ଅଧିବେଶନ ରେ ଉଦୟ ଶଙ୍କର ଜାନି ଙ୍କ ସଭାପତିତ୍ୱ ରେ ବାର୍ଷିକ ଉତ୍ସବ ର ଦ୍ୱିତୀୟାର୍ଦ୍ଧ ଶିକ୍ଷାବିତ୍ ଶ୍ରୀ ନଳିନୀ ରଞ୍ଜନ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦେବା ସହିତ ଇଂ. ଭାସ୍କର ସାମନ୍ତରାୟ ସମ୍ମାନିତ ଅତିଥି ର ସ୍ଥାନ ଅଳଙ୍କୃତ କରିଥିଲେ । ଏହି ଅବସର ରେ 'ସାହିତ୍ୟ ଟୁଙ୍ଗି ର' ବାର୍ଷିକ ସଂସ୍କରଣ 'ଆମଲେଖା 'ଉନ୍‌ମୋଚ଼ିତହୋଇଥିଲେ । ବିଶିଷ୍ଟ ଲୋକ ସଂସ୍କୃତି ଗବେଷକ ଶ୍ରୀ ସୁବସଚ଼ନ୍ଦ୍ର ମିଶ୍ର,ସମାଜସେବୀ ପ୍ରକାଶ ଚ଼ନ୍ଦ୍ର ମିଶ୍ର, ଚିତ୍ରଶିଳ୍ପୀ ସୁଧାକର ଜେନା ଙ୍କୁ ଗୌରବ ଶ୍ରୀ ସମ୍ମାନ ରେ ସମ୍ମାନିତ କରାଯାଇଥିଲା । ଆଦର୍ଶ ଶିକ୍ଷକ ରୂପେ ଉପର କୋଲାବ ଯୋଜନା ଉଚ୍ଚ଼ବିଦ୍ୟାଳୟ ର ବିଜ୍ଞାନ ଶିକ୍ଷକ ଶ୍ରୀ ଦିବାକର ପଟ୍ଟନାୟକ, ଶ୍ରୀ ରାଧାମୋହନ ପଣ୍ଡା ଓ ଜଗଦୀଶ ପ୍ରସାଦ ସ୍ୱାଇଁ ଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ସଂସଦ ର ସହ ସମ୍ପାଦକ ମୃତ୍ୟୁଞ୍ଜୟ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । ସମ୍ପାଦକ ଶ୍ରୀ ବୈରାଗ ଚ଼ରଣ ସାହୁ ଓ ଉପସଭାପତି ଶ୍ରୀ ତପନ କିରଣ ତ୍ରିପାଠୀ କାର୍ଯକ୍ରମ ସଞ୍ଚାଳନ କରଥିଲେ ।ପ୍ରତ୍ୟେକ ମାସର ଶେଷ ରବିବାର 'ସାହିତ୍ୟ ଟୁଙ୍ଗି' ରେ ସାହିତ୍ୟ ଚ଼ର୍ଚ୍ଚା ହୁଏ । ବରପୁତ୍ର ମାନଙ୍କ ସ୍ମୃତି ପୀଠ ଗୁଡ଼ିକର ରକ୍ଷଣା ବେକ୍ଷଣ ସହିତ ସେମାନଙ୍କର ଜୟନ୍ତୀ ଓ ଶ୍ରାଦ୍ଧ ଦିବସ ପାଳନ କରି ପର ପିଢ଼ି ଙ୍କୁ ସେମାନଙ୍କ ଜୀବନାଦର୍ଶ ରେ ଅନୁପ୍ରାଣିତ ହେବାକୁ ଜୟପୁର ପୂଜ୍ୟପୂଜା ସଂସଦ ଆଜକୁ ଦୀର୍ଘ ୨୭ ବର୍ଷ ହେଲା କାର୍ଯ୍ୟ କରିଆସୁଥିବାରୁ , ସର୍ବସାଧାରଣ ରେ ସାଧୁବାଦ ପାଇଆସୁଛି ।

## ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଲହରି ସରପ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଲହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଲହରି ଗ୍ରାମ ପ ାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ସରପ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତ୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଲହର ସରପ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପ ମିତା ମୁଣ୍ଡା, ପୂର୍ବତନ ସରପ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଲହରି ସରପ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଲହରି ସରପ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

## କ୍ରସରରେ ଚାପିହୋଇ ଜଣେ ଶ୍ରମିକ ମୃତ, ଅନ୍ୟ ଜଣେ ଗୁରୁତର

ଧର୍ମଶାଳା,(ପିଏନ୍): ଧର୍ମଶାଳା ତହସିଲ ଜେନାପୁର ଥାନା ଅ'ର୍ଗତ ରହାଡପୁରସ୍ଥିତ ଏକ କ୍ରଶର୍ ରେ କାମ କରୁଥିବା ବେଳେ ଅଘଟଣ ଘଟି ଜଣେ ଶ୍ରମିକ ଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ମୃତ ଶ୍ରମିକ ଜଣକ ପଶ୍ଚିମବଙ୍ଗ ବାଙ୍କୁଡା ଜିଲ୍ଲା ଖଜୁରିଆ ଗ୍ରମର ଶ୍ୟମଚରଣ ହଂସଦା (୪୫) ଓ ଆହତ ଜଣକ ସେହି ଗ୍ରାମର ଅନିଲ ସୋରେନ (୩୨) ବୋଲି ଜଣାପଡିଛି ସୂଚନା ମୁତାବକ ରହାଡପୁର ରେ ଥିବା ଶିବଶକ୍ତି ମେଗା କ୍ରାସର ରେ ଆଜି ସକାଳୁ ଶ୍ରମିକମାନେ କାମ କରୁଥିବା ବେଳେ ଅସାବଧାନତା ବସତ କ୍ରଶର ଚକରେ ଚାପି ହୋଇ ଜଣକର ମୃତ୍ୟୁ ଘଟିଥିବା ବେଳେ ଆନ୍ୟ ଜଣେ ଶ୍ରମିକ ଗୁରୁତର ଆହତ ହୋଇଥିଲେ । ଦୁର୍ଘଟଣାରେ ଆହତ ଶ୍ରମିକଙ୍କୁ ସ୍ଥାନୀୟ ଶ୍ରମିକମାନେ ଉଦ୍ଧାର କରି ବଡଚଣା ଡାକ୍ତରଖାନାରେ ଭର୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥାଳରେ ମୃତ୍ୟୁ ଘଟିଥିବା ଶ୍ରମିକର ମୃତଦେହକୁ କ୍ରଶର ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ଏକ ମହେନ୍ଦ୍ର ପିକଅପଭ୍ୟାନରେ ଭତିକରି ମୃତକର ଶବ କୁ ଅନ୍ୟତ୍ର ନେଇଯାଉଥିବା ବେଳେ ଶବକୁ ଗାଏବ୍ କରିବା ଅଭିଯୋଗ କରି ସ୍ଥାନୀୟ ଲୋକେ ସମ୍ପାରୁ ଛକରେ ମୃତ ଦେହକୁ ଅଟକ ରଖି ରାସ୍ତା ରୋକ କରିଥିଲେ। ଫଳରେ ସେଠାରେ କିଛି ସମୟ ପାଇଁ ଚାପା ଉତେଜନା ପ୍ରକାଶ ପାଇଥିଲା । ଖବର ପାଇ ଘଟଣା ସ୍ଥଳରେ ଯାଜପୁର ରୋଡ ଏସଡିଓ ସୟ କୁମାର ପଟ୍ଟନାୟକ, ବଡ଼ଚଣା ଥାନା ଅଧିକାରୀ ଶରତ କୁମାର ପାତ୍ର, ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ, ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ଥାନା କର୍ମଚାରୀମାନେ ସେଠାରେ ଉପସ୍ଥିତ ରହି ଲୋକଙ୍କୁ ବୁଝାଶୁଝା କରିଥିଲେ । ମୃତକର ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ସହ ବେଆଇନ କ୍ରଶର ଗୁଡିକୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବା ସହ ଗ୍ରାମବାସିମାନେ ଲିଖିତ ଆକାରରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ । ତେବେ ମୃତକର ପରିବରକୁ କ୍ଷତିପୂରଣ ପ୍ରଦାନ ସହିତ ବେଆଇନ କ୍ରଶର ଗୁଡିକ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାରଙ୍କୁ ଅବଗତ କରାଯିବା ନେଇ ପୁଲିସ ପକ୍ଷରୁ ପ୍ରତିସ୍ରୁତି ମିଳିବା ପରେ ଲୋକେ ଶବକୁ ଛାଡିବା ସହିତ ରାସ୍ତାରୋକରୁ ହଟିଥିଲେ । ଏନେଇ ଜେନାପୁର ପୁଲିସ ଏକ କେଶ ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଚ୍ଛେଦଲାଗି ପଠାଇବା ସହ ତଦନ୍ତ ଚଳାଇଛି ।

## ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି। ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍‌ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍‌ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍‌ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି। ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

## କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍‌ବତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍‌୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସ୍‌ୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।''

## କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ରଙ୍କ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଙ୍କୁଇଙ୍କନ୍ଦ୍ର;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଇବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି।




# ଓଡ଼ିଶାର ମ   ନାଟକ, ସଙ୍ଗୀତ, ନୃତ୍ୟର ବିକାଶରେ କବିଚନ୍ଦ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର (ପିଏନ୍): କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଉଦ୍ୟମରୁ ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇବା ସହ ଓଡ଼ିଶାର ରାସ, ମ   ନାଟକ, ନୃତ୍ୟ ଓ ସଙ୍ଗୀତର ସାମଗ୍ରିକ ବିକାଶ ହେବା ସହ ରାଜ୍ୟର କଳା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ସାଧିତ ହୋଇଛି ବୋଲି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ କବିଚନ୍ଦ୍ରଙ୍କ ପ୍ରତିମୂ ର୍ିସ୍ଥଳୀରେ ଆୟୋଜିତ ୪୪ତମ ଶ୍ରାଦ୍ଧୋତ୍ସବରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ତାଙ୍କ ପ୍ରତିମୂ ର୍ିରେ ମାଲ୍ୟାର୍ପଣ ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ବାଙ୍କୀ-ଡମପଡ଼ା ବ୍ଲକ୍ ଅଧ୍ୟକ୍ଷ ପ୍ରଣବ କୁମାର ପଟେଲ, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ଗାନ୍ଧିବାଦୀ ଅଧାପକ ଉପେନ୍ଦ୍ର ପାଢ଼ୀ, ଯୁବନେତା ରବି ସାମଲ, ବିକାଶ ଗିରି, ସତ୍ୟବ୍ରତ ଜେନା, ଅଧାପକ ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ମହାପାତ୍ର ପ୍ରମୁଖ ନିଜ ବକ୍ତବ୍ୟରେ ବାଙ୍କୀ ମାଟିର ଯୋଗ୍ୟ ଦାୟାଦ କଳାକୁ ଜୀବନସାଥୀ ଭାବରେ ଗ୍ରହଣ କରି ଅବିବାହିତ ରହି ରାଜ୍ୟର କଳା, ସାହିତ୍ୟ ଓ ସଂସ୍କୃତିର ବିକାଶ ପାଇଁ କାର୍ଯ୍ୟ କରିଥିଲେ ବୋଲି ପ୍ରକାଶ କରିଥିଲେ। ଓଡ଼ିଶାର ମ   ନାଟକର ବିକାଶ ପାଇଁ ନିଜେ ନାଟକ ରଚନା କରିବା ସହ ନିର୍ଦ୍ଦେଶନା ଦେଇ ତାହାକୁ ଓଡ଼ିଶା ଥିଏଟର ମାଧ୍ୟମରେ ପରିବେଷଣ କରିଥିଲେ। ଏହାପରେ ଗଜପତିଙ୍କ ନିମନ୍ତ୍ରଣ ପାଇ ପୁରୀରେ ରାସ ଓ ନାଟକର ବିକାଶ ପାଇଁ କାର୍ଯ୍ୟ କରିଥିଲେ। ଗଜପତି ତାଙ୍କୁ କବିଚନ୍ଦ୍ର ଉପାଧିରେ ସମ୍ମାନିତ କରିଥିଲେ। ଏହାପରେ ଗଜପତିଙ୍କ ଦରବାର ଛାଡ଼ି ପୁରୀ ଓ ସାକ୍ଷୀଗୋପାଳରେ ନୃତ୍ୟଦଳ ଗଠନ କରି ସମଗ୍ର ରାଜ୍ୟରେ ନୃତ୍ୟ ପରିବେଷଣ କରୁଥିଲେ। ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ଦେବାରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅଗଣିତ ନାଟକ, କାବ୍ୟ, କବିତା ରଚନା କରି ରାଜ୍ୟର ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି। 'ଭାତ' ନାଟକ ସହ 'ଶ୍ରୀଜୟଦେବ ଓ ଗୀତଗୋବିନ୍ଦ' ତାଙ୍କର ଅମୂଲ୍ୟ କୀ ର୍ି। ତାଙ୍କ ଆଦର୍ଶରେ ଯୁବକଳାକାର ଅନୁପ୍ରାଣିତ ହେଲେ ରାଜ୍ୟର କଳା ସମୃଦ୍ଧ ହୋଇପାରିବ। ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ଓ ଉପେନ୍ଦ୍ର ପାଢ଼ିଙ୍କ ଜନ୍ମଦିନ ଅବସରରେ ତାଙ୍କୁ ଜନ୍ମଦିନ ଅଭିନନ୍ଦନ ଜଣାଇ ସମ୍ମାନିତ କରାଯିବା ସହ ବାଙ୍କୀବାସୀଙ୍କ ପକ୍ଷରୁ ଉପସ୍ଥିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଉ   ରୀୟ ପ୍ରଦାନ କରାଯାଇଥିଲା। ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟଙ୍କ ଲିଖିତ ପୁସ୍ତକ 'ସହଜ ପ୍ରାଣାୟମ ଓ ଯୋଗାସନ' ପୁସ୍ତକ ଉନ୍ମୋଚିତ ହୋଇଥିଲା।

# ମହାକାଳପଡ଼ା ବୃହତ ପାନୀୟ ଜଳ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା ବୈଠକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ନିର୍ବାଚନମଣ୍ଡଳୀରେ ଚାଲିଥିବା ବୃହତ ପାନୀୟ ଜଳଯୋଗାଣ ପ୍ରକଳ୍ପର ଦୁଇଟି ପଏ    କରାଯାଇଛି। ଗୋଟିଏ ହେଉଛି ଦକ୍ଷିଣ ଜୋନ    ଓ ଅନ୍ୟଟି ହେଉଛି ଉ    ର ଜୋନ। ଦକ୍ଷିଣ ଜୋନଟି ମହାକାଳପଡ଼ା ବ୍ଲକରେ ରହିଥିବାବେଳେ ଉ    ର ଜୋନଟି ମାର୍ଶାଘାଇ ବ୍ଲକରେ ରହିଛି। ଦକ୍ଷିଣ ପଏ    ର କାର୍ଯ୍ୟ ପ୍ରାୟତଃ ଶେଷ ହେବା ଉପରେ। ଆସନ୍ତା ଅଗଷ୍ଟ ମାସ ୧୫ତାରିଖ ସୁଦ୍ଧା ମହାକାଳପଡ଼ା ନିର୍ବାଚନମଣ୍ଡଳୀର ଲୋକମାନଙ୍କୁ ପାନୀୟଜଳ ଯୋଗାଇଦେବା ପାଇଁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ନିର୍ମାଣ କାର୍ଯ୍ୟ କରୁଥିବା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପ ସମ୍ପର୍କରେ ଏକ ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲାପାଳ ନିର୍ମାଣକାରୀ ସଂସ୍ଥାକୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ କହିଥିଲେ ଏହି ପ୍ରକଳ୍ପ ଦ୍ୱାରା ୫୫ ହଜାର ଲୋକଙ୍କ ଘରେ ପାଇପ ଯୋଗେ ପାନୀୟ ଜଳ ପହ  ିବ। ଯାହା ଫଳରେ ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂର ହୋଇପାରିବ। ଦକ୍ଷିଣ ଜୋନର କାର୍ଯ୍ୟ ତୁରନ୍ତ ସାରି ଲୋକଙ୍କୁ ପାନୀୟ ଜଳ ପ୍ରଦାନ କରିବା ପାଇଁ ଜିଲ୍ଲାପାଳ କହିଥିବା ବେଳେ ଉ    ର ଜୋନକୁ ମଧ ନିର୍ଦ୍ଧାରିତ ସମୟ ମଧରେ ସାରିବା ପାଇଁ ସେ କହିଥିଲେ। ଏହି ସମୀକ୍ଷା ବୈଠକରେ ବିଭାଗୀୟ ଯନ୍ତ୍ରୀ ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନା ଥାଉକି ଏହି ପ୍ରକଳ୍ପ ହେବା ଦ୍ୱାରା ମହାକାଳପଡ଼ା ବ୍ଲକର ୨୬ଟି ପ    ାୟତ ଓ ମାର୍ଶାଘାଇ ବ୍ଲକର ୧୧ଟି ପ    ାୟତର ଲୋକେ ପାନୀୟ ଜଳ ପାଇପ ଯୋଗେ ପାଇପାରିବେ। ଫଳରେ ଗ୍ରୀଷ୍ମଋତୁରେ ଜଳକଷ୍ଟର ସମ୍ମୁଖୀନ ହେଉଥିବା ଏହି ପ    ାୟତଗୁଡିକର ଲୋକମାନଙ୍କ ପାନୀୟଜଳ ସମସ୍ୟା ରହିବ ନାହିଁ। ଦକ୍ଷିଣ ଜୋନ କାର୍ଯ୍ୟକ୍ଷମ ହେଲେ ମାର୍ଶାଘାଇ ବ୍ଲକର ୩ଟି ପ    ାୟତ ଓ ମହାକାଳପଡ଼ା ବ୍ଲକର ୯ଟି ପ    ାୟତର ଲୋକମାନେ ଉପକୃତ ହୋଇପାରିବେ।

# ସ୍କାଉଟସ୍ ଗାଇଡସ୍‌ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ



ଭୁବନେଶ୍ୱର (ପିଏନ୍): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂସ୍ଥାର ୧୪୨ତମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନଲାଇନ୍ ମାଧ୍ୟମରେ ଆୟୋଜିତ ହୋଇଥିଲା । ରାଜ୍ୟ ମୁଖ୍ୟ କମିଶନର ଡଃ. କାଳି ପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ ବୈଠକରେ ରାଜ୍ୟ ସମ୍ପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟଙ୍କ ସ୍ୱାଗତ ଅଭିଭାଷଣ ପରେ ଓଡିଶାର ବିଭିନ୍ନ ଜିଲ୍ଲାର ଦିବଂଗତ ସ୍କାଉଟ୍ ଗାଇଡ୍‌ର ସଭ୍ୟସଭ୍ୟାମାନଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବିଗତ ବର୍ଷରେ ରାଜ୍ୟ ସଂସ୍ଥା ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରାଯିବା ସଂଗେ ସଂଗେ ଆଗାମୀ ବର୍ଷରେ ହେବାକୁ ଥିବା କାର୍ଯ୍ୟକ୍ରମ ଗୁଡ଼ିକର ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଏତଦ୍‌ବ୍ୟତୀତ ବିଗତ ବର୍ଷର ଆୟବ୍ୟୟ ସମୀକ୍ଷା କରାଯାଇ ଆଗାମୀ ବର୍ଷର ଆର୍ଥିକ ଖର୍ଚ୍ଚ ଅଟକଳ କମିଟି ଦ୍ୱାରା ଅନୁମୋଦନ ଲାଭ କରିଥିଲା। ଜାତୀୟ ତଥା ଅନ୍ତର୍ଜାତୀୟ ସଂଗଠନ ଦ୍ୱାରା ଯୁବପୀଢ଼ିମାନଙ୍କ ପାଇଁ ପ୍ରାୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଯଥା: Sustainable Development Goal, ସ୍ୱଚ୍ଛ ଭାରତ ଅଭିଯାନ, ସର୍ଫ ସ୍ମାର୍ଟ, ଫ୍ରି ବିଙ୍ଗ୍ ମିଂ, ଷ୍ଟପ୍ ଦି ଭାଇଓଲେନ୍‌ସ୍, ମେସେଞ୍ଜର ଅଫ୍ ପିସ୍ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମଗୁଡ଼ିକରେ ରାଜ୍ୟ ବିଶେଷ ସଫଳତା ପାଇଥିବାରୁ କମିଟିରେ ଆନନ୍ଦ ପ୍ରକାଶ ପାଇଥିଲା। ଭବିଷ୍ୟତରେ ଏହାକୁ ଆହୁରି ବ୍ୟାପକ କରିବା ପାଇଁ ରାଜ୍ୟ ମୁଖ୍ୟ କମିଶନର ଡଃ. ମିଶ୍ର ସଭ୍ୟମାନଙ୍କର ସହଯୋଗ କାମନା କରିଥିଲେ। ଏହି ବୈଠକରେ ବିଭିନ୍ନ ଜିଲ୍ଲାର ଜିଲ୍ଲା ଶିକ୍ଷାଧିକାରୀମାନେ ଯୋଗଦେଇଥିଲେ । ପରିଶେଷରେ ରାଜ୍ୟ କମିଶନର (ହେଡକ୍ୱାର୍ଟର) ଶ୍ରୀ ରାଧାକାନ୍ତ ଦାସ ସମସ୍ତ ସଭ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ ସଭା ଭଙ୍ଗ କରାଯାଇଥିଲା।

# କେନ୍ଦୁଝରଗଡ ରେଳଷ୍ଟେସନରୁ ଯୁବତୀ ଉଦ୍ଧାର

କେନ୍ଦୁଝର (ପିଏନ୍): ଗତ ୨୫ ତାରିଖ ରାତିରେ ଭୁବନେଶ୍ୱରରୁ କେନ୍ଦୁଝରଗଡ ଟ୍ରେନ ରେ ଆସିଥିବା ଜଣେ ଯୁବତୀଙ୍କୁ କେନ୍ଦୁଝରଗଡ ରେଳଷ୍ଟେସନରୁ ଉଦ୍ଧାର କରାଯାଇଛି। ରାତ୍ରୀ ୯ଟା ୨୫ରେ ୧୮୪୫୬ ନଂ ଫାଷ୍ଟ ପାସେଂଜର ଟ୍ରେନ କେନ୍ଦୁଝରଗଡ ରେଳଷ୍ଟେସନରେ ପହଁଚିବା ପରେ ରେଲୱେ ପୋଲିସକୁ କିଛି ଯାତ୍ରୀ ଖବର କରିଥିଲେ। ରେଲୱେ ପୋଲିସ ଯୁବତୀଙ୍କୁ ଉଦ୍ଧାର କରି କେନ୍ଦୁଝର ଟାଉନ ପୋଲିସ ସହାୟତାରେ ବଣିଆପାଟ ସ୍ଥିତ ସ୍ୱଧାର ଗୃହରେ ରଖିଛି। ଯୁବତୀ ମାନସିକ ରୋଗରେ ଆକ୍ରାନ୍ତ ଥିବା ଆଶଙ୍କା କରାଯାଉଛି। ଏଣୁ ସେ ତାର ସଠିକ୍ ଠିକଣା କହିପାରୁନାହିଁ। ସେ ହିନ୍ଦିରେ କଥାବା ର୍ା କରୁଛି। ଯୁବତୀଙ୍କ ବୟସ ୨୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତେବେ ଉକ୍ତ ଯୁବତୀ କେଉଁ ସ୍ଥାନରୁ ଆସିଛି ତାହାର ତଦନ୍ତ ପୋଲିସ କରୁଛି।

# ହାଟଡିହି ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

ହାଟଡିହି (ପିଏନ୍): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକରେ ଗତ ସୋମବାର ଦିନ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ବିଡିଓ ବିଚିତ୍ରାନନ୍ଦ କରଙ୍କ ତ  ୍ୱାବଧାନରେ କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକରେ ଯୋଗଦେଇ ବିଭିନ୍ନ ଅଂଚଳରୁ ଆସିଥିବା ସାଧାରଣ ଲୋକଙ୍କଠାରୁ ୧୩୦ଟି ଅଭିଯୋଗ ଗ୍ରହଣ କରିବା ପରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଅଭିଯୋଗ ଶୁଣାଣିରେ ଶାଳଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହାଟଡିହି ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା ପ୍ରସଙ୍ଗରେ ଦୀର୍ଘ ସମୟ ଧରି ସ୍ଥାନୀୟ ଅଧିବାସୀ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ । ଦୀର୍ଘଦିନ ଧରି ଡାକ୍ତର ପଦବୀ ଖାଲି ପଡିଥିବାରୁ ସମଗ୍ର ହାଟଡିହି ବ୍ଲକ ଅଂଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟୟ ହୋଇ ପଡିଛି । ସେହିପରି ହାଟଡିହି ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଅଭାବର ସମସ୍ୟା ଲାଗି ରହିଥିବାରୁ ଶିକ୍ଷାଦାନରେ ଅଚଳ ଅବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି । ଏହି ଅବସରରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଠାକରେ କେତେକ ଦିବ୍ୟାଙ୍ଗ ମାନଙ୍କୁ ତିନିଚକିଆ ଟ୍ରାୟ ସାଇକେଲ ବିତରଣ କରିଥିଲେ । ଏହି ଅଭିଯୋଗ ଶୁଣାଣିରେ କେନ୍ଦୁଝର ଏସ୍‌ପି ମିତ୍ରଭାନୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ସୁଷମା ବିଲୁଂ, ଆନନ୍ଦପୁର ଉପଜିଲ୍ଲାପାଳ ଅନିଲ କୁମାର ସେଠୀ, ତହସିଲଦାର ଦିଲ୍ଲୀପ କୁମାର ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ମୋଦି ପ୍ରମୁଖଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ ।

# ଅଧାପକ ବିଶ୍ୱରଂଜନଙ୍କ 'କଥା ଓଡ଼ିଶୀ' ପୁସ୍ତକ ଉନ୍ମୋଚିତ

ଖୋର୍ଦ୍ଧା (ପିଏନ୍): ପ୍ରଖ୍ୟାତଯଶା ସାହିତ୍ୟିକ ଅଧାପକ ବିଶ୍ୱରଂଜନଙ୍କ 'କଥା ଓଡ଼ିଶୀ' ପୁସ୍ତକ ଖୋର୍ଦ୍ଧା ଗୀତା ଭବନ ଠାରେ ଖୋର୍ଦ୍ଧା ଜିଲା ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଉନ୍ମୋଚିତ ହୋଇଯାଇଛି । ଡ. ସୁରେଶ ଚନ୍ଦ୍ର ଛୋଟରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ପ୍ରଫେସର୍ ଡ଼. ନାରାୟଣ ରାଓ, ଐତିହାସିକ ସତ୍ୟବାଦୀ ବଳିଆରସିଂହ ଓ ସମ୍ପାଦକ ଜ୍ଞାନରଂଜନ ଦାଶ ପ୍ରମୁଖ ଯୋଗ ଦେଇଥିଲେ । ଅଧାପକ ବିଶ୍ୱରଂଜନ ତାଙ୍କ ବକ୍ତବ୍ୟରେ ପୁସ୍ତକର ସ୍ଥାନ ପାଇଥିବା ଚାରଟି ଅଧାୟ ଯଥା ଭାଷା ଓ ଭୂମି, ଶାସନ ଓ ରାଜନୀତି, ବ୍ୟକ୍ତି ବିଶେଷ, ସ୍ମୃତି ଓ କୃତି ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ । ସେ କହିଲେ ଭାଷାକୁ ସମ୍ବଳ କରି ରାଜ୍ୟର ମାନ୍ୟତା ପାଇବାରେ ଆମ ଓଡ଼ିଶା ହେଉଛି ଭାରତରେ ପ୍ରଥମ । କିନ୍ତୁ ଭାଷା ଜନନୀର ସ୍ତୁତି ଗାନ କରୁଥିବା ମହାନାୟକମାନେ ବାସ୍ତବରେ ଖଳ -ନାୟକର ଭୂମିକା ନିର୍ବାହ କରୁଛନ୍ତି । ଦାସୀ -ପୋଇଲି ପ୍ରତି ବ୍ୟବହାରଠାରୁ କିଛି ଭିନ୍ନ ନୁହେଁ ଜନନୀ ପ୍ରତି ସେମାନଙ୍କ ବ୍ୟବହାର। ବହୁ ସାଧନାର ସିଦ୍ଧ ଭୂମି ଉପରେ ଗଢ଼ି ଉଠୁଛି ସଂକୀର୍ଣ୍ଣ ସ୍ୱାର୍ଥର ସୌଧ । ତିରିଶ ବର୍ଷ ପୂର୍ବେ ଲେଖକମାନେ ଯେପରି ସତ କଥା ଲେଖିପାରୁଥିଲେ ଏବେ ସେପରି ଲେଖିପାରୁନଥିବା ହେତୁ କ୍ଷୋଭ ପ୍ରକାଶ କରିଥିଲେ । ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ପ୍ରତ୍ୟେକ ଓଡ଼ିଆ ଜାତୀୟ ସ୍ୱାଭିମାନ ରକ୍ଷା କରିବା ପାଇଁ ଆହ୍ୱାନ ଦେଇଥିଲେ । ଐତିହାସିକ ସତ୍ୟବାଦୀ ବଳିଆରସିଂହ ଅତିଥି ପରିଚୟ ଓ ନିଶିକାନ୍ତ କହଲସିଂହ ଧନ୍ୟବାଦ ଦେଇଥିଲେ । , ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାପତି ଗୋପାଳକୃଷ୍ଣ ଦାସ, ଆମରି ସତ୍ୟର ଡ. ପ୍ରମୋଦ ଚନ୍ଦ ଦାଶ, ଆଇନଜୀବୀ ଶକ୍ତିଶଂକର ମିଶ୍ର, ସାମ୍ବାଦିକ ସମରେନ୍ଦ୍ର ବଳିଆରସିଂହ, ଅଧାପକ ଡ଼. ସୋମନାଥ ବିଷୋୟୀ, ଗାଳ୍ପିକ ବିଭୁ ହୋତା, ବଂଶୀଧର ପଣ୍ଡା, ଜବାହାରଲାଲ ସୁବୁଦ୍ଧି, ଜ୍ୟୋତିପ୍ରଭା ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଜିଲା ସାହିତ୍ୟ ସମାଜ ପକ୍ଷରୁ କବି ଗୋବିନ୍ଦ ଚନ୍ଦ୍ର ମହାରଣାଙ୍କ ସଂଯୋଜନାରେ କୋଣାର୍କ ଉପରେ ଏକ ଆଲୋଚନାଚକ୍ର ତଥା କବିତା ପାଠୋତ୍ସବ ହୋଇଥିଲା । ସର୍ବଶ୍ରୀ ଦିବ୍ୟଲୋଚନ ଭାରିମଲ୍ଲ, ଜ୍ୟୋତିପ୍ରଭା ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ରାଧାମଣି ମହାପାତ୍ର, ପ୍ରମୁଖ ୧୨ଜଣ କବିତା ପାଠ କରିଥିଲେ ।

# ସାମାଜିକ ସନ୍ତୁଳନ ପାଇଁ ବ୍ୟଙ୍ଗ କଟାକ୍ଷ ଲୋଡ଼ା

ଖୋର୍ଦ୍ଧା (ପିଏନ୍): ହାସ୍ୟରସ ବା କଟାକ୍ଷ ହେଉଛି ଆମ ସାହିତ୍ୟର ବଡ଼ ଅଙ୍ଗ। ଏହା ମାଧ୍ୟମରେ ସମାଜର ବିଭିନ୍ନ ତ୍ରୁଟି ବିଚ୍ୟୁତିକୁ ଲୋକଲୋଚନକୁ ଆଣିବାର ପ୍ରୟାସ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ବ୍ୟଙ୍ଗ କଥାକାର ତଥା ନାଚୁଣୀ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ନାୟକଙ୍କ ରମ୍ୟଗଳ୍ପ ସଂକଳନ 'କାଙ୍ଗାଳୀ ଗୁରୁ' ଲୋକାର୍ପିତ ହୋଇଯାଇଛି। ପବିତ୍ର ଶ୍ରୀରାମ ନବମୀ ଅବସରରେ ଖୋର୍ଦ୍ଧା ସାହିତ୍ୟ ସଂସଦ ଓ ଆମରିସତ୍ୟ ପକ୍ଷରୁ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ମୈତ୍ରୀଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱାଗତ ସଂଭାଷଣ ଦେଇ ପୁସ୍ତକର ଲେଖକ ଡ. ନାୟକ କହିଥିଲେ ଯେ, ସ୍କୁଲରେ ପଢିବାବେଳୁ ସେ ଲେଖାଲେଖି ଆରଂଭ କରିଛନ୍ତି। ସମାଜକୁ ଉଚିତ ମାର୍ଗଦର୍ଶନ ପାଇଁ ନାଟକ ତଥା ବ୍ୟଙ୍ଗ ମାଧ୍ୟମରେ ପ୍ରୟାସ କରିଆସିଛନ୍ତି। କାଙ୍ଗାଳୀ ଗୁରୁ ଗଳ୍ପଟି ପ୍ରଥମେ ୨୦୦୯ ମସିହାରେ ପ୍ରାଣନାଥ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ବିଶେଷାଙ୍କ 'ପ୍ରତୀକ'ରେ ପ୍ରକାଶ ପାଇଁ ଆଦୃତି ଲାଭ କରିଥିଲା। ତେଣୁ ଏହି ନାମରେ ପୁସ୍ତକର ନାମକରଣ କରାଯାଇଥିବାବେଳେ କାଙ୍ଗାଳୀ ବାବା ସମେତ ସମୁଦାୟ ୧୫ଟି ଗପ ଏଥିରେ ସନ୍ନିବେଶିତ କରାଯାଇଛି। ଲୋକାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବିଧାୟକ ଜିତୁ ମିତ୍ର ଯୋଗଦେଇ ପୁସ୍ତକଟି ବିପଥଗାମୀ ସମାଜକୁ ସୁଧାରିବାରେ ସହାୟକ ହେବ ବୋଲି ମତପ୍ରକାଶ କରିଥିଲେ। ଐତିହାସିକ ସତ୍ୟବାଦୀ ବଳିଆରସିଂହ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ବୀରବଲ, ଯଦୁମଣି, ଗୋପାଳ ଭାଣ୍ଡ ପ୍ରମୁଖଙ୍କ ଉଦାହରଣ ଦେଇ ଛୋଟ ଛୋଟ କାହାଣୀର ଅବତାରଣା କରିଥିଲେ, ଯାହାକି ହାସ୍ୟରୋଳ ସୃଷ୍ଟି କରିଥିଲା। ରାଜନୈତିକ ତଥା ସମାଜିକ ବ୍ୟବସ୍ଥା ପ୍ରତି କଟାକ୍ଷ ହେଲେ ତୋଷାମୋଦକାରୀଙ୍କ ନ୍ୟସ୍ତ ସ୍ୱାର୍ଥରେ ଅଙ୍କୁଶ ଲାଗିବା ସହ ସାମାଜିକ ସନ୍ତୁଳନ ସମ୍ଭବ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି କ୍ଷୀରୋଦ ପ୍ରସାଦ ମହାନ୍ତି କହିଥିଲେ ଯେ, ଡ. ନାୟକ ପ୍ରାଣନାଥ ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଥିବାବେଳେ ତାଙ୍କର ପ୍ରଥମ ବ୍ୟଙ୍ଗପୁସ୍ତକ 'ମଖନବାଜି' ଲେଖି ଉଚ୍ଚପ୍ରଶଂସିତ ହୋଇଥିଲେ। ସଂପ୍ରତି 'କାଙ୍ଗାଳୀ ଗୁରୁ' ପୁସ୍ତକ ସେହିଭଳି ପାଠକୀୟ ଆଦୃତି ଲାଭ କରିବ ବୋଲି ସେ ଆଶାପ୍ରକଟ କରିଥିଲେ। ବରେଣ୍ୟ ଅତିଥି ଓଡ଼ିଶା ବିଜ୍ଞାନ ଏକାଡେମୀର ସଭାପତି ଡ. ବିଭୂତି ଭୂଷଣ ମିଶ୍ର ପୁସ୍ତକର ଅନୁଶୀଳନ ପୂର୍ବକ କହିଥିଲେ ଯେ, ବିଜ୍ଞାନଭିତ୍ତିକ ଲେଖା ଅପେକ୍ଷା ରମ୍ୟ ରଚନା କଷ୍ଟକର। ଚରିତ୍ର ଭିତରେ ପଶିଲେ ଯାଇ ଲେଖିପାରିବେ, ଯାହା ଡ. ନାୟକ କରିଛନ୍ତି। ସମ୍ମାନିତ ଅତିଥି ବିଶିଷ୍ଟ କଥାକାର ଡ. ପଦ୍ମଜ ପାଳ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ଲେଖକ ସମାଜ ପ୍ରତି ସଚେତନ ରହି ନିଜକୁ ଉନ୍ମୁକ୍ତ କଲେ ଲେଖା ବଳଶାଳୀ ହୁଏ। ଅନ୍ୟତମ ଅତିଥି ପ୍ରାକ୍ତନ ଅଧ୍ୟକ୍ଷ ତଥା ସାହିତ୍ୟିକ ଡ. ଶରଚ୍ଚନ୍ଦ୍ର ମହାପାତ୍ର ପ୍ରାଚ୍ୟ ଓ ପାଶ୍ଚାତ୍ୟର ବ୍ୟଙ୍ଗସାହିତ୍ୟ ସଂପର୍କରେ ତୁଳନାତ୍ମକ ବିଶ୍ଳେଷଣ କରିଥିଲେ। ଅବସରପ୍ରାପ୍ତ ମୁଖ୍ୟ ବନ ସରଂକ୍ଷକ ତଥା ପ୍ରାବନ୍ଧିକ ବିଜୟ କେତନ ପଟ୍ଟନାୟକ ନିଜର ସଂକ୍ଷିପ୍ତ ଭାଷଣରେ ସାମାନ୍ୟ କଟାକ୍ଷ ଓ ଶାଣିତ କଟାକ୍ଷ ସଂପର୍କରେ ବିଶ୍ଳେଷଣ କରିଥିଲେ। ଆବାହକ ଡ. ପ୍ରମୋଦ ଚନ୍ଦ୍ର ଦାଶ ପୁସ୍ତକରେ ସ୍ଥାନ ପାଇଥିବା ବିଭିନ୍ନ ଗପ କାଙ୍ଗାଳୀ ଗୁରୁ, ଆଉ ଜଣେ ଠେଙ୍ଗୁ ଦାସ, ପଞ୍ଚୁ ସପକ୍ଷରେ, ଅତିଭକ୍ତି, ଧଣ୍ଡବୁଢ଼ା,ବାନା ସାର, ବାୟା ସାର୍, ପିତା ଓ ପୁତ୍ର, ଅନେଶତ ବ୍ରତ, ମାରନା ସେ ମଲାଣି, ନିରୁଦ୍ଦିଷ୍ଟ କଲମ, ସାଆନ୍ତଙ୍କ ଗଳ୍ପ: ଗୋପପୁର, ଅଜାଙ୍କ ଗଳ୍ପ: ବ୍ରହ୍ମରାକ୍ଷସ, ବୋଉର ଗଳ୍ପ: କିଏରେ କିଏରେ, ବଡ଼ ପିଉସୀ, ସାନ ପିଉସୀ ଆଦିର ସମୀକ୍ଷା କରିଥିଲେ। ଖୋର୍ଦ୍ଧା, ଭୁବନେଶ୍ୱର, ଜଟଣୀ, ବାଣପୁର, ବାଙ୍କୀ ତଥା ବିଭିନ୍ନ ଅଂଚଳରୁ ଆସିଥିବା କବି, ସାହିତ୍ୟିକ ତଥା ବୁଦ୍ଧିଜୀବୀମାନଙ୍କୁ ଲେଖକ ଡ. ନାୟକ ପୁସ୍ତକ ଉପହାର ଦେଇଥିଲେ। ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଶିକ୍ଷାବିତ୍ ଭୀମସେନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଡ. ସସ୍ମିତା ପଟ୍ଟନାୟକ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିବାବେଳେ ସ୍ତଂଭକାର ସମରେନ୍ଦ୍ର ବଳିଆରସିଂହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମନରେଗା ଅର୍ଥ ଆତ୍ମସାତ୍ ଘଟଣାରେ ଲୋକାୟୁକ୍ତଙ୍କ ତଦନ୍ତ ନିର୍ଦ୍ଦେଶ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ୍ ଗଙ୍ଗାଧରପୁର ପ   ାୟତ ଇମାମ୍‌ନଗର ଗାଁରେ ମନରେଗା ଅର୍ଥ ଆତ୍ମସାତ ଘଟଣାର ୨ଦିନିଆ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଲୋକାୟୁକ୍ତ । ଆସନ୍ତା ଅଗଷ୍ଟ ୧୬ ଓ ୧୭ତାରିଖରେ ଲୋକାୟୁକ୍ତଙ୍କ ତଦନ୍ତକାରୀ ଟିମ୍ ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ଓ ଘଟଣାସ୍ଥଳରେ ପହ  ି ତଦନ୍ତ କରିବ । ଏଥିରେ ଧର୍ମଶାଳା ବିଡ଼ିଓ ଉପସ୍ଥିତ ରହି ସହଯୋଗ କରିବାକୁ ଲୋକାୟୁକ୍ତ ଗତ ୨୮ତାରିଖ ପତ୍ରସଂଖ୍ୟା-ଏଲ୍‌ୱାଇ-୫୮୯୨ରେ ନିର୍ଦ୍ଦେଶ ଦେଇଛନ୍ତି । ତଦନ୍ତ ସମୟରେ ବ୍ଲକ୍‌ର ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ପିଇଓ ଓ ଜିଆର୍‌ଏସ୍ ସହଯୋଗ କରିବେ । ସେହିପରି ଅଭିଯୋଗ ସ୍ଥାନ ସରକାରୀ ଜମି କିମ୍ବା ବ୍ୟକ୍ତିଗତ ଜମି ଏହାକୁ ମାପଚୁପ କରିବା ପାଇଁ ଏଠାକାର ରାଜସ୍ୱ ନିରୀକ୍ଷକ ଓ ଅମିନ ଉପସ୍ଥିତ ରହିବେ ବୋଲି ଉକ୍ତ ନିର୍ଦ୍ଦେଶନାମାରେ କୁହାଯାଇଛି । ଅଭିଯୋଗକାରୀ ସାରୋଇ ଗ୍ରାମର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତଙ୍କ ଅଦାଲତରେ ପହ  ି ନିଜ ପକ୍ଷ ରଖିବା ସହିତ ଅଭିଯୋଗ ସଂପର୍କୀତ କାଗଜପତ୍ର ଦାଖଲ କରିଥିବା ଜଣାପଡ଼ିଛି । ପ୍ରକାଶ ଯେ, ବନ୍ୟାପ୍ଲାବିତ ଇମାମ୍ ନଗର ଗାଁ ରାସ୍ତାର ଉଚ୍ଚତା ବଢ଼ାଇବା ପାଇଁ ମନରେଗା ଯୋଜନାରେ ୫୫୫ ମିଟର ରାସ୍ତା ମରାମତି ପାଇଁ ୨୦୨୦/୨୧ ଆର୍ଥିକ ବର୍ଷରେ ୫ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା । ମାତ୍ର ଏହି ଗ୍ରାମର ଅକ୍ଷୟ କୁମାର ପାଳଙ୍କ ଘର ନିକଟରୁ ସୁନାକର ରାଉତଙ୍କ ଘର ପର୍ଯ୍ୟନ୍ତ ୨୮୦ ମିଟର ମାଟିରାସ୍ତା ମରାମତିରେ ୨ଲକ୍ଷ ୯୩ହଜାର ୯୧୦ଟଙ୍କା ଖର୍ଚ୍ଚ ହୋଇଥିଲା । ହେଲେ ଦାୟିତ୍ୱରେ ଥିବା ଠିକାଦାର ମାତ୍ର ୬୦ମିଟର ରାସ୍ତାକାମ କରି ୨୮୦ ମିଟର କାମ କରିଛନ୍ତି ବୋଲି କାଗଜପତ୍ର ପ୍ରସ୍ତୁତ କରି ୨ଲକ୍ଷ ୯୩ହଜାର ୯୧୦ଟଙ୍କା ଉଠାଇ ନେଇଥିବା ସୂଚନା ଅଧିକାର ଆଇନ ତଥ୍ୟରୁ ଜଣାପଡ଼ିଥିଲା । ତାହା ପୁଣି ବ୍ୟକ୍ତିଗତ ଜମିରେ ହୋଇଥିବା ଅଭିଯୋଗ ହୋଇଥିଲା । ଏନେଇ ସୂଚନା ଅଧିକାର କର୍ମୀ ଶ୍ରୀ ବେହୁରା ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ । ଗତ ଜୁନ୍ ୨୨ତାରିଖରେ ଲୋକାୟୁକ୍ତଙ୍କ ଅଦାଲତରେ ୧୩୪/୨୦୨୨(ବି-୧)ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା । ଏଥିରେ ଧର୍ମଶାଳା ବିଡ଼ିଓ ଅରବିନ୍ଦ ବେହେରା ଓ ତତ୍କାଳୀନ ପିଇଓ ନିର୍ମଳ ଚନ୍ଦ୍ର ପଣ୍ଡାଙ୍କୁ ପକ୍ଷଭୁକ୍ତ କରାଯାଇଥିଲା । ଦାୟିତ୍ୱରେ ଥିବା ଠିକାଦାର ମନରେଗା ନିୟାମାନୁସାରେ କାମ ନକରି ବେଆଇନ ଭାବେ ଶ୍ରମିକଙ୍କ ବଦଳରେ ଟ୍ରକ୍ ଓ ମେସିନ୍ ବ୍ୟବହାର କରିଥିଲେ । ସରକାରୀ ଜମି ବଦଳରେ ବ୍ୟକ୍ତିଗତ ଜମିରେ ମନରେଗା ଅର୍ଥ ବିନିଯୋଗ ହୋଇଥିଲା । ଏଭଳି ଏକ ସଙ୍ଗୀନ୍ ଅଭିଯୋଗର ଶୁଣାଣି କରି ଲୋକାୟୁକ୍ତ ତାଙ୍କ ନିଜସ୍ୱ ତଦନ୍ତକାରୀ ଟିମ୍‌କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେବା ଘଟଣା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web :www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠିରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ୍ୟ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# ଡଃ.ଶ୍ରୀଧର ସାମଲଙ୍କ କବିତା ସଙ୍କଳନ ପୁସ୍ତକ ନିଃଶବ୍ଦ ଆଳାପ ଲୋକାର୍ପିତ

କେନ୍ଦ୍ରାପଡା,(ପିଏନ)- କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡଃ.ଶ୍ରୀଧର ସାମଲଙ୍କ ଦ୍ୱାରା ରଚିତ ପୁସ୍ତକ "ନିଃଶବ୍ଦ ଆଳାପ"କୁ ଶୁକ୍ରବାର ସ୍ଥାନୀୟ ଭାରତୀ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ଉତ୍ସବରେ ଲୋକାର୍ପଣ କରାଯାଇଛି । ଏହି ଉପଲକ୍ଷେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମୋହନ ଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭୁବନେଶ୍ୱରର ବନଫୁଲ ପ୍ରକାଶନୀ ଦ୍ୱାରା ପ୍ରକାଶିତ ପୁସ୍ତକ ଲୋକାର୍ପଣ ଉତ୍ସବରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଡଃ.ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା, ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ସରୋଜ କୁମାର ମହାନ୍ତି, ସାହିତ୍ୟିକ ଡଃ.ବାସୁଦେବ ଦାସ, ପ୍ରାଧ୍ୟାପକ ତପନ କୁମାର ପତି ପ୍ରମୁଖ ଯୋଗଦେଇ କବି ଡଃ.ସାମଲଙ୍କ ରଚିତ କବିତା ସଙ୍କଳନ ପୁସ୍ତକ "ନିଃଶବ୍ଦ ଆଳାପ"କୁ ଲୋକାର୍ପିତ କରିଥିଲେ । ପୁସ୍ତକ ରଚୟିତା ଡଃ.ସାମଲ ଏକାଧାରରେ ଜଣେ କବି, ପ୍ରାବନ୍ଧିକ,ସୁବକ୍ତା ଓ ପ୍ରକୃତିପ୍ରିୟ ମଣିଷ । ବିଶ୍ୱ ବିଖ୍ୟାତ ପର୍ଯ୍ୟଟନକ୍ଷେତ୍ର ଭିତରକନିକା ଉପରେ ନିବନ୍ଧ ରଚନା କରିବା ସହ ଆକାଶବାଣୀ,କଟକ କେନ୍ଦ୍ରରେ ସୁବକ୍ତା ଭାବରେ ତାଙ୍କର ଉପଲବ୍ଧି ସବୁଠି ରହିଛି । ତାଙ୍କର ଅନେକ ନିବନ୍ଧ ଜାତୀୟ ଓ ଅନ୍ତର୍ଯ୍ୟାତୀୟ ପତ୍ରପତ୍ରିକାରେ ପ୍ରକାଶ ପାଇ ବିପୁଳ ପାଉଠକୀୟତା ଅର୍ଜନ କରିଛି । ଡଃ.ସାମଲ ଅଧୁନା କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଭୁଗୋଳ ବିଭାଗର ପ୍ରାଧ୍ୟାପକ ତଥା ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟରତ ଓ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ(ଇଗ୍ନୋ), ନୂଆଦିଲ୍ଲୀର ସଂଯୋଜକ ଏବଂ ଓଡିଶା ସରକାରଙ୍କ ବାଳିକା ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଅଛନ୍ତି । ତାଙ୍କର ଏହି ଭିନ୍ନ ସ୍ୱାଦର କବିତା ସଙ୍କଳନଟି ପାଠକ ମହଲରେ ବିଶେଷ ଆଦୃତ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା, ମାର୍ଶାଘାଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ଅମୀୟ ଜେନା, ପ୍ରାଧ୍ୟାପକ ଜତୀନ୍ଦ୍ର କୁମାର ରାଉତ, ତ୍ରିଲୋଚନ ପ୍ରଧାନ, କବି ପ୍ରେମାନନ୍ଦ ଖଣ୍ଡୁଆଳ, ବୃନ୍ଦାବନ ଦାସ, ନଳିନୀ ବେହେରା, କ୍ରୀଡା ଶିକ୍ଷକ ଜ୍ୟୋତିର୍ମୟ ଦାସ ପ୍ରମୁଖ ବହୁ ସାହିତ୍ୟପ୍ରେମୀ ଓ ବିଶିଷ୍ଟବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

# ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ



କଟକ,(ପି.ଏନ): ସିଏମସି ୫୭ନମ୍ବର ୱାର୍ଡ଼ ଗୋପାଳପୁର କଟକ ଅନ୍ତର୍ଗତ ସର୍ବେଶ୍ୱର ମହାଦେବ ପୀଠରେ ଶ୍ରୀରାମଚ଼ରିତ ମାନସ ପାରାୟଣ ଆୟୋଜିତ ହେଉଛି । ସର୍ବେଶ୍ୱର ମହାଦେବ, ମାନସ ମଣ୍ଡଳୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ଆସନ୍ତା ୨.୪.୨୪ତାରିଖରୁ ୯.୪.୨୪ରିଖ ପର୍ଯ୍ୟନ୍ତ ଚ଼ାଲିବ । ଏହି କାର୍ଯ୍ୟକ୍ରମ ଅବସରରେ ଭୋର ସାଢେ ୪ଟାରୁ ନଗର କୀର୍ତ୍ତନ କରାଯାଉଛି । ପରେ ମଙ୍ଗଳଆଳତୀ, ସୂର୍ଯ୍ୟପୂଜା ଓ ଅନ୍ୟାନ୍ୟ ପୂଜାର୍ଚ୍ଚନା ପାରାୟଣ କରାଯାଉଛି । ଏହି ଅବସରରେ ରାଜ୍ୟର ସୁନାମଧନ୍ୟ ପ୍ରବଚ଼କଙ୍କ ଦ୍ୱାରା ରାମ କଥା ପରିବେଷଣ କରାଯାଉଛି । ବ୍ୟାସ ପଣ୍ଡିତ ପ୍ରଦୀପ୍ତ ମହାପାତ୍ର, କର୍ମକାଣ୍ଡବିତ୍ ଅନନ୍ତ କୁମାର ମିଶ୍ରଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ନିରଞ୍ଜନ ନାଏକ, ହୁଣ୍ଡା ବାବୁ କାର୍ଯ୍ୟକ୍ରମ ପରିଚ଼ାଳନା କରୁଛନ୍ତି । ପ୍ରକାଶ ମହାନ୍ତି, ଆଦିତ୍ୟ ଲେଙ୍କା, ଅଜୟ କୁମାର ସାହୁ, ସ୍ୱାଧୀନ ଲେଙ୍କା, ସନ୍ତୋଷ ଲେଙ୍କା, ଲକ୍ଷ୍ମୀନାରାୟଣ ସାହୁ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚ଼ାଳନାରେ ସହଯୋଗ କରୁଛନ୍ତି । ଚ଼ଳିତ ବର୍ଷ ୧୧ତମ ବାର୍ଷିକ ନବାହ୍ନ ପାରାୟଣ ଓ ପ୍ରବଚ଼ନ ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଲା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖିବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

# ଓଡ଼ିଆ ଅସ୍ମିତାର ଅଭିଭାବକ ଥିଲେ ନନ୍ଦ କିଶୋର ଦାସ



ଭୁବନେଶ୍ୱର,(ପି.ଏନ): ରାୟ ବାହାଦୁର ନନ୍ଦ କିଶୋର ଦାସ ଓଡ଼ିଆ ଅସ୍ମିତାର ଅଭିଭବକ ତଥା ଜଣେ ଦିଗ୍ ଗଜ ଦିଗ୍ ଦର୍ଶକ ଥିଲେ ବୋଲି ରାଜଧାନୀରେ ପାଳିତ ତାଙ୍କ ୧୩୦ ତମ ଶ୍ରାଦ୍ଧ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଜଣାଇ ପୂର୍ବତନ ଆୟକର କମିଶନର ତଥା ସମାଜ ସେବୀ ଶ୍ରୀ ଶୋଭନ କର ମତ ବ୍ୟକ୍ତ କରିଛନ୍ତି । ବାସ୍ତବରେ ଏଭଳି ଜଣେ ଯୋଗଜନ୍ମା ବ୍ରିଟିଶ୍ ପ୍ରଶାସନରେ ଚ଼ାକିରି କରି ମଧ୍ୟ ଓଡ଼ିଆ ଭାଷା ଆନ୍‌ଦୋଳନ ତଥା ଓଡ଼ିଆ ମାନଙ୍କ ଉତ୍ଥାନ ପାଇଁ ଅହରହ ଉଦ୍ୟମ କରିଥିବା ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି ବୋଲି ଶ୍ରୀ କର କହିଥିଲେ ।ଭୁବନେଶ୍ୱର ସ୍ଥିତ ଶରତ କର ଓ ଅନିମା କର ଫାଉଣ୍ଡେସନ ଏବଂ ମାହାଙ୍ଗା ମୈତ୍ରୀ ମଞ୍ଚ ମିଳିତ ଆନୁକୁଲ୍ୟରେ ଆୟୋଜିତ ଏହି ସ୍ମୃତି ଉତ୍ସବରେ ବିଶିଷ୍ଟ ସ୍ତମ୍ଭକାର ଶ୍ରୀ ଅବନୀ ଚ଼ନ୍ଦ୍ର ଦାସ ଓଡ଼ିଶା ମାଟିର ଏହି ଦିବଂଗତ ବରପୁତ୍ର ଙ୍କ ସ୍ମୃତି ରକ୍ଷା ଦିଗରେ ଯଥାକ୍ରମେ ରାଜ୍ୟ ସରକାରଙ୍କ ତରଫରୁ ରାଜଧାନୀ ରେ ତାଙ୍କର ପ୍ରତିମୂର୍ତ୍ତୀ ସ୍ଥାପନ, ଏକ ପ୍ରମୁଖ ମାର୍ଗ କୁ ନନ୍ଦକିଶୋର ମାର୍ଗ ରେ ନାମିତ କରିବା ଏବଂ ନନ୍ଦ କିଶୋର ଦାସଙ୍କ ପୂର୍ଣ୍ଣାଙ୍ଗ ଜୀବନୀ ପ୍ରକାଶନ ଆଦି ପାଇଁ ଉଦ୍ୟମ କରାଯିବାକୁ ଆହ୍ୱାନ ଦେଇଥିଲେ । ଏଥିନେଇ ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଆବେଦନ କରାଯିବାକୁ ମଧ୍ୟ ସର୍ବ ସମ୍ମତ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ଅମୂଲ୍ୟ କୁମାର ସ୍ୱାଇଁ, ଅଜିତ୍ କୁମାର ସାହୁ, ପ୍ରକାଶ ବେହେରା, ରୁଦ୍ର ନାରାୟଣ ସିଂହ, ଶ୍ରୀକାନ୍ତ ରାଉତ, ବିଚିତ୍ରାନନ୍ଦ ସାହୁ ଓ କାଳିଆ ପ୍ରଧାନ ପ୍ରମୁଖ ମହାନ୍ ଓଡ଼ିଆ ପ୍ରାଣ ରାୟ ବାହାଦୁର ନନ୍ଦ କିଶୋର ଦାସଙ୍କ ପ୍ରତିଛବି ରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ ।



ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
୨୬ ବର୍ଷରେ
Bhubaneswar Monday April 08, 2024 ଭୁବନେଶ୍ୱର ସୋମବାର, ଅପ୍ରେଲ ୦୮,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## ବାପାର କଳା ଧନରେ ଝିଅର ଲୋକ ଦେଖାଣିଆ ସମାଜ

ନିମାପଡା ୦୮/୦୪- ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ନିମାପଡାରେ ଆସର ଜମେଇଛନ୍ତି ଅନାମଧେୟ ଆଶାୟୀ ପ୍ରାର୍ଥୀ। ଏଥି ମଧ୍ୟରୁ ଅସ୍ତରଙ୍ଗ ଅଞ୍ଚଳର ଜଣେ ଠିକାଦାରଙ୍କ ଝିଅ ବାପାଙ୍କ କଳା ଟଙ୍କାରେ ନିମାପଡା ଅଞ୍ଚଳରେ ବୁଲି ରାଜନୀତି କରିବା ଶହ ଲୋକ ଦେଖାଣିଆ ସମାଜ ସେବା କରୁଥିବାର ଚର୍ଚ୍ଚା ଯୋର ଧରିଛି ।ଏଠି ପ୍ରଶ୍ନ ଉଠୁଛି ରାତା ରାତି ସମାଜ ସେବା ପାଲଟି ଥିବା ଠିକାଦାରଙ୍କ ଝିଅ ଅସ୍ତରଙ୍ଗ ଅଞ୍ଚଳ ଛାଡି ନିମାପଡାରେ ସମାଜ ସେବା କରିବା ପାଇଁ କାହିଁକି ମନ ବଳାଇଛନ୍ତି ।ସାଧାରଣରେ ଚର୍ଚ୍ଚା ହେଉଛି ଯେ କେବଳ ନିର୍ବାଚନକୁ ଦୃଷ୍ଟିରେ ରଖି ଏବଂ କୌଣସି ଏକ ଦଳର ଟିକେଟ ହାତେଇବା ପାଇଁ ଏ ସମାଜ ସେବା ଏକ ପ୍ରାୟୋଜିତ କାର୍ଯ୍ୟକ୍ରମ ବୋଲି। ତେବେ କିଛି ଦିନ ତଳେ ନିମାପଡା ମହିଳା କଲେଜ ନିକଟରେ ନନ୍ଦିଘୋଷ ଫାଉଣ୍ଡେସନ ନାମରେ ଏକ କାର୍ଯ୍ୟାଳୟ ପ୍ରତିଷ୍ଠା କରି ସାମ୍ବାଦିକ ସମ୍ମିଳନି ମାଧ୍ୟମରେ ସମାଜ ସେବା କରିବା ପାଇଁ ଅଞ୍ଚଳ ବାସୀଙ୍କୁ ଅବଗତ କରାଇଥିଲେ ।ସେତେବେଳେ ତାଙ୍କ ଫାଉଣ୍ଡେସନକୁ ନେଇ ସମର୍ଥକ ମାନେ ଚାରିଆଡେ ଯୋରଦାର ପ୍ରଚାର ପ୍ରସାର କରାଇଥିଲେ ।ଏହି ଫାଉଣ୍ଡେସନ ଓ ଏହାର ସମସ୍ତ କର୍ମକର୍ତା ମାନଙ୍କ ମୂଳ ଲକ୍ଷ ସାଧାରଣ ଗରିବ ଲୋକଙ୍କୁ ସାହାଯ୍ୟ ସହଯୋଗ କରିବା ସହିତ ଏହି ଫାଉଣ୍ଡେସନ ନାମରେ ସମଗ୍ର ଅଞ୍ଚଳରେ ପଚାଶରୁ ଉର୍ଦ୍ଧ୍ୱ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା ।ସେହି ଦିନ ଠାରୁ ଦୀର୍ଘ ୪/୫ ମାସ ବିତି ଯାଇଥିଲେ ମଧ୍ୟ ନିମାପଡା ଗୋପ ଅଞ୍ଚଳରେ ଏହି ଫାଉଣ୍ଡେସନ ସମାଜ ସେବା ନାମରେ ଆଧାରିତ କୌଣସି କାର୍ଯ୍ୟ ହାତକୁ ନେଇଥିବାର ଦେଖିବାକୁ ମିଳିନାହିଁ ।ଅପର ପକ୍ଷରେ ଠିକାଦାରଙ୍କ ଝିଅ ବିଭିନ୍ନ ରାଜନୈତିକ ଦଳର ଟିକେଟ ହାତେଇବା ପାଇଁ ଜୋର ସୋର ପ୍ରୟାସ ଜାରି ରଖିଥିବା ଦେଖିବାକୁ ମିଳିଛି। ତେବେ ଏହି ଫାଉଣ୍ଡେସନର ମୂଳ ଲକ୍ଷ ରାଜନୀତି ନା ସମାଜ ସେବା କିଛି ବୁଝା ପଡୁନାହିଁ ।ଧୀରେ ଧୀରେ ଜାଣିବାକୁ ମିଳୁଛି ଯେ ନିମାପଡା ଅଞ୍ଚଳର କିଛି ହାତ ଗଣତି ଦଲାଲଙ୍କ ଦ୍ୱାରା ବାପ ଝିଅ ଏବଂ ତାଙ୍କ ସଂସ୍ଥା ପରିଚାଳିତ ହଉଚି ।କିଛିଦିନ ପୂର୍ବରୁ ନୂଆ କରି ସମାଜସେବି ପାଲଟି ଥିବା ଯୁବତୀ ଜଣକ ଭାରତୀୟ ଜନତା ପାର୍ଟିରୁ ନିମାପଡା ବିଧାନସଭା ପାଇଁ ପ୍ରାର୍ଥୀ ହେବା ନେଇ ଜୋର ସୋର ଲବି ଚଳାଇ ଥିଲେ ।ମାତ୍ର ତାହା ବିଫଳ ହେବା ପରେ ଗତକାଲି କିଛି ହାତଗଣତି ଗଣମାଧ୍ୟମକୁ ଡକାଇ ନିମାପଡା ବିଜେଡିରୁ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିବା କଥା ପ୍ରକାଶ କରିଥିଲେ ।ଅସ୍ତରଙ୍ଗରୁ ଆସି ସମାଜ ସେବା ନାମରେ ନିମାପଡାରେ ଆସର ଜମାଇ ବିନା ସଂଗଠନରେ ପ୍ରାର୍ଥୀ ହେବା କଥା କହି ଲୋକଙ୍କୁ ଭୁଆଁ ବୁଲାଉଥିବାର ଚର୍ଚ୍ଚା ଜୋର ଧରିଛି ।ତେବେ ଦଲାଲଙ୍କ ଇସାରାରେ ନାଚୁଥିବା ଏହି ସମାଜସେବିଙ୍କ ରାଜନୈତିକ ଭାଗ୍ୟ ଆକାଶରେ ଅନ୍ଧକାର ଘୋଟି ଆସୁଛି ବୋଲି କିଛି ରାଜନୈତିକ ସମୀକ୍ଷକ ମାନେ ମତ ପ୍ରକାଶ କରିଛନ୍ତି ।ତେବେ ଆଗକୁ କଣ ହଉଛି ଦେଖିବାକୁ ବାକି ରହିଲା ।

## ଜିଲ୍ଲା ସ୍ତରୀୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ୨୦୨୪ ପାଳିତ

ମାଲକାନଗିରି,ପ୍ରଭାସ ପଣ୍ଡା,(ପି.ଏନ): ମାଲକାନଗିରି ଭାରତୀୟ ରେଡ଼କ୍ରସ ସୋସାଇଟି ନିର୍ଦ୍ଦେଶ କ୍ରମେ ଜିଲ୍ଲା ରେଡ଼କ୍ରସ ସୋସାଇଟି ମାଲକାନଗିରି ଏବଂ ଜିଲ୍ଲା ଯୁବ ରେଡ଼କ୍ରସ ମାଲକାନଗିରିର ମିଳିତ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ୨୦୨୪ ସ୍ଥାନୀୟ ସତ୍ୟନାରାୟଣ ସେବିକା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି । ଏହି ସଭାରେ ମୁଖ୍ୟଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ତଥା ଉପସଭାପତି ଜିଲ୍ଲା ରେଡ଼କ୍ରସ ସୋସାଇଟି ବେଦବର ପ୍ରଧାନ ଯୋଗଦାନ କରି ଏହି ଦିବସକୁ ଉଦଘାଟନ କରିବା ସହିତ ସ୍ୱାସ୍ଥ୍ୟ ପ୍ରତି ସମସ୍ତ ବ୍ୟକ୍ତି ସଚେତନ ହେବା ବୋଲି ପରାମର୍ଶ ଦେଇଥିଲେ । ଏହି ସଭାକୁ ଜିଲ୍ଲା ଯୁବ ରେଡକ୍ରସ ଆବାହକ ତଥା ସମ୍ପାଦକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ରୂପେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଫୁଲ୍ଲ କୁମାର ନନ୍ଦ ଯୋଗଦାନ କରି ଆଜିର ଦିବସର ତାତ୍ପର୍ଯ୍ୟ ସହିତ ଛାତ୍ରଛାତ୍ରୀମାନେ ସ୍ୱାସ୍ଥ୍ୟକର ଖାଦ୍ୟ, ବ୍ୟାୟାମ, ଯୋଗ ପ୍ରତ୍ୟେକ ଦିନ କରିବା ଉଚିତ ବୋଲି ମତ ପୋଷଣ କରିଥିଲେ ।ସଭା ପ୍ରାରମ୍ଭରେ ସତ୍ୟନାରାୟଣ ଶିକ୍ଷା ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଅଧକ୍ଷ ମାଲକାନଗିରି ମହାବିଦ୍ୟାଳୟ ଲିଙ୍ଗରାଜ ମିଶ୍ର ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଜରୁରୀ କାଳୀନ ଅଧିକାରୀ ମୁନା ତୁରୁକୁ ଛାତ୍ରଛାତ୍ରୀଙ୍କୁ ଶାରୀରିକ, ମାନସିକ ଏବଂ ସାମାଜିକ ବିଷୟରେ ଆଲୋଚନା କରିଥିଲେ । ସଭା ପ୍ରାରମ୍ଭରେ ସାର ଜିନ ହେନେରୀ ଡୁନକ୍ଷଣ୍ଟ ଙ୍କ ଫୋଟୋ ଚିତ୍ରରେ ଅତିଥିଙ୍କ ଦ୍ୱାରା ପୁଷ୍ପମାଲ୍ୟ ସହିତ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । ବିଶ୍ୱ ସ୍ୱାସ୍ଥ୍ୟ ଦିବସ ୨୦୨୪ ର ସ୍ଲୋଗାନ ମୋ ସ୍ୱାସ୍ଥ୍ୟ, ମୋ ଅଧିକାର ବିଷୟରେ ଛାତ୍ରୀମାନେ ବକ୍ତୃତା ପ୍ରଦାନ କରିଥିଲେ । ଅପ୍ରେଲ ୭ ପ୍ରତ୍ୟେକ ବର୍ଷ ସ୍ୱାସ୍ଥ୍ୟ ଦିବସ ରୂପେ ୧୯୪୮ରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଅନୁମୋଦନ କ୍ରମେ ପାଳନ ସହିତ ସ୍ୱାସ୍ଥ୍ୟ ପ୍ରତି ସଚେତନା ସୃଷ୍ଟି କରିବା ପାଇଁ ଏହି ଦିବସ ପାଳିତ ହୋଇଥାଏ । ଏହି କାର୍ଯ୍ୟକ୍ରମରେ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଯୁବ ରେଡ଼କ୍ରସ ସ୍ୱେଚ୍ଛାସେବୀ, ରେଡ ରିବନ କ୍ଲବର ସଦସ୍ୟ, ଅଧାପକ, ଅଧାପିକା ଏବଂ ଅଣ ଶିକ୍ଷକ କର୍ମଚାରୀ ସକ୍ରିୟ ଅଂଶ ଗ୍ରହଣ କରି ଏହି ଦିବସ ସଫଳ କରିବା ପାଇଁ ସହଯୋଗ କରିଥିଲେ । ସବା ଶେଷରେ ସୁମ୍ରିନ ସୁମନ କାର୍ତ୍ତିକ ଅଧାପିକା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ପୋଷ୍ଟର ପ୍ରଦର୍ଶନ କରାଯାଇଥିଲା ।




## ପୁରନ୍ଦର ମିଶ୍ର ଛତିଶଗଡ଼ ଓ ଓଡ଼ିଶା ମଧ୍ୟରେ ସୁସମ୍ପର୍କର ସର୍ବୋଚ୍ଚ ପ୍ରମାଣ

ରାୟପୁର,(ପି.ଏନ): ଛତିଶଗଡ଼ ଏବଂ ଓଡ଼ିଶା ମଧ୍ୟରେ ସୁସମ୍ପର୍କ ର ସର୍ବୋଚ୍ଚ ପ୍ରମାଣ ହେଲେ ପୁରନ୍ଦର ମିଶ୍ର ବୋଲି ଛତିଶଗଡ଼ ର ମୁଖ୍ୟମନ୍ତ୍ରୀ ବିଷ୍ଣୁଦେ୍ୱ ସାୟ ମତ ପ୍ରକାଶ କରିଛନ୍ତି ।ଶ୍ରୀ ମିଶ୍ର ଛତିଶଗଡ଼ ବିଧାନସଭାକୁ ନିର୍ବାଚିତ ହେବା ଦ୍ୱାରା ଉଭୟ ରାଜ୍ୟବାସୀଙ୍କ ମଧ୍ୟରେ ରହିଥିବା ଆପୋଷ ମିତ୍ରତା ପ୍ରମାଣିତ ହୋଇଯାଇଛି ବୋଲି ଶ୍ରୀ ସାୟ କହିଛନ୍ତି। ଛତିଶଗଡ଼ ଓ ଓଡ଼ିଶାର ଅଧିବାସୀଙ୍କ ମଧ୍ୟରେ ରହିଥିବା ଉତ୍ତମ ଭାଇଚାରାର ଏହାଠାରୁ ଆଉ ବଡ଼ ଉଦାହରଣ କିଛି ହୋଇ ନପାରେ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ।ଏଠାରେ ପ୍ରକାଶ ଯୋଗ୍ୟ ଯେ ପୁରନ୍ଦର ମିଶ୍ର ଏବେ ରାୟପୁର ନଗର ଉତ୍ତରର ବିଧାୟକ ରହିଥିବା ସାଙ୍ଗକୁ ଛତିଶଗଡ଼ରେ ବସବାସ କରୁଥିବା ୩୫ଲକ୍ଷ ଓଡ଼ିଆ ଭାଷାଭାଷୀ ଜନସାଧାରଣଙ୍କୁ ନେଇ ଗଠିତ ସମଗ୍ର ଓଡ଼ିଆ ସମାଜର ପ୍ରଦେଶ ଅଧକ୍ଷ ଅଛନ୍ତି। ରାୟପୁର ଠାରେ ଆୟୋଜିତ ଉତ୍କଳ ଦିବସ ସମାରୋହ-୨୦୨୪ ରେ ଅଧକ୍ଷତା କରି ମୁଖ୍ୟମନ୍ତ୍ରୀ ବିଷ୍ଣୁଦେ୍ୱ ସାୟ, ଉତ୍କଳ ଦିବସ କେବଳ ଛତିଶଗଡ଼ରେ ବସବାସ କରୁଥିବା ଓଡ଼ିଆ ଭାଷାଭାଷୀଙ୍କର ଉତ୍ସବ ନୁହଁ ବରଂ ସମଗ୍ର ଛତିଶଗଡ଼ବାସୀଙ୍କ ପାଇଁ ଏହା ଏକ ମହାନ ମଉଛବ ବୋଲି ଦର୍ଶାଇଛନ୍ତି। ତାଙ୍କର ନିଜ ନିର୍ବାଚନ ମଣ୍ଡଳୀ ଜଶପୁରର ସହର ଓ ଗ୍ରାମାଞ୍ଚଳରେ ବହୁ ସଂଖ୍ୟାରେ ଓଡ଼ିଶାବାସୀଙ୍କର ଉପସ୍ଥିତି, ଏହି ଦୁଇ ପ୍ରଦେଶର ନିବିଡ ସୌହାର୍ଦ୍ଦ୍ୟତାର ସ୍ୱାକ୍ଷର ବହନ କରୁଥିବା ଶ୍ରୀ ସାୟ ସୁଚାଇଛନ୍ତି। ଛତିଶଗଡ଼ ର ସମଗ୍ର ଓଡ଼ିଆ ସମାଜ ଏବଂ ରାୟପୁର ସ୍ଥିତ ଉତ୍କଳ ସାଂସ୍କୃତିକ ପରିଷଦର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ମହୋତ୍ସବରେ ପ୍ରାୟ ପାଞ୍ଚ ହଜାର ଓଡ଼ିଆ ଓ ଅଣଓଡ଼ିଆ ଜନସାଧାରଣ ସାମିଲ ହୋଇଥିବା ଦେଖାଯାଇଥିଲା ।ସଭା ପୂର୍ବରୁ ସମଗ୍ର ଓଡ଼ିଆ ସମାଜର ଅଧକ୍ଷ ପୁରନ୍ଦର ମିଶ୍ରଙ୍କର ନେତୃତ୍ୱରେ ପ୍ରବାସୀ ଓଡ଼ିଆ ମାନଙ୍କର ଏକ ବିଶାଳ ଶୋଭାଯାତ୍ରା ଉତ୍ସବ ସ୍ଥଳକୁ ଆସିଥିଲା। ପ୍ରାରମ୍ଭରେ ଆଗନ୍ତୁକ ଅତିଥିମାନେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ନନ୍ଦିଘୋଷ ରଥର ଚକା ଦର୍ଶନ ଏବଂ ଚତୁର୍ଦ୍ଧାମୂର୍ତ୍ତିଙ୍କର ପୂଜାର୍ଚ୍ଚନା କରିଥିଲେ। ଏହାପରେ ମହିଳା ଥାନା ସାମ୍ନା ସ୍ଥିତ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ର ନିର୍ମାତା ମଧୁସୂଦନ ଦାସଙ୍କର ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇଥିଲା। ସମାବେଶକୁ ସମ୍ବୋଧନ କରି ମୁଖ୍ୟଅତିଥି ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଓଡ଼ିଶାର ଗୌରବମୟ ଇତିହାସ ଏବଂ ଗାରିମା ଗାଥା ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ବୋଲି କହିଥିଲେ। ରାଜ୍ୟର ଭାଷା, କଳା ଓ ସଂସ୍କୃତି ର ପ୍ରସାରଣ ପାଇଁ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସ ଓ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପରି ମହାପୁରୁଷମାନଙ୍କର ଯୋଗଦାନ ସଦା ସ୍ମରଣୀୟ ହୋଇ ରହିବ ବୋଲି ଶ୍ରୀ ହରିଚନ୍ଦନ ସୁଚାଇ ଥିଲେ ।ସଭାରେ ଉଦବୋଧନ ଦେଇ ବିଧାୟକ ଶ୍ରୀ ମିଶ୍ର ଛତିଶଗଡ଼ ରେ ବସବାସ କରୁଥିବା ଓଡିଶାବାସୀ ଙ୍କର ରାଜ୍ୟର ପ୍ରଗତି ନେଇ ବ୍ୟାପକ ଯୋଗଦାନ ରହିଥିବା ଉଲ୍ଲେଖ କରିଥିଲେ। ଛତିଶଗଡ଼ରେ ଥିବା ବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷା ଶିକ୍ଷାକୁ ଏକ ବିଷୟ ଭାବରେ ପାଠ୍ୟକ୍ରମରେ ଅନ୍ତର୍ଭୂକ୍ତ କରିବା ପାଇଁ ଶ୍ରୀ ମିଶ୍ର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଙ୍କର ସାମନାରେ ଦାବୀ ଉପସ୍ଥାପନ କରିଥିଲେ ।ଏହି ଅବସରରେ ବିଶିଷ୍ଟ ବୁଣାକାର ସାରିକା ମେହେରଙ୍କୁ ତାଙ୍କର ଉତ୍କୃଷ୍ଟ କାର୍ଯ୍ୟ କୁଶଳତା ପାଇଁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା। ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କ ମଧ୍ୟରେ ଉପ-ମୁଖ୍ୟମନ୍ତ୍ରୀ ଅରୁଣ ସାଓ, ସାଂସଦ ସୁନୀଲ ସୋନି, ବିଧାୟକ ମୋତିଲାଲ ସାହୁ, ମେୟର ଇଯାଜ ଦେବର, ଉତ୍କଳ ସାଂସ୍କୃତିକ ପରିଷଦର ଅଧକ୍ଷ ଡ଼ଃ କେ.କେ ଭୋଇ, ଘାସି ସମାଜର ଅଧକ୍ଷ ରାଜେନ୍ଦ୍ର ବେହେରା, ଗଣା ସମାଜର ଅଧକ୍ଷ ଓକିଲ ତାଣ୍ଡି, ଆଦିବାସୀ ସମାଜର ଅଧକ୍ଷ ନାରାୟଣ ପ୍ରସାଦ ନରୌଜି, ସମଗ୍ର ଓଡିଆ ସମାଜର ସଂଗଠନ ମହାସଚିବ ସତ୍ୟଦେବ ଶର୍ମା, ମୁଖପାତ୍ର ଗୁଣନିଧି ମିଶ୍ର ଓ ୱାର୍ଲଡ଼ ଓଡ଼ିଶା ସୋସାଇଟିର ଛତିଶଗଡ଼ ଶାଖାର ଉପ-ସଭାପତି ପୀୟୁଷ ମିଶ୍ର ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ।



## କଂଗ୍ରେସର ନ୍ୟାୟପତ୍ର ନିଷ୍ପେସିତ ଜନତାଙ୍କ ସ୍ୱର

ଭୁବନେଶ୍ୱର,(ପି.ଏନ): ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟଯାତ୍ରା ସମୟରେ ଜନସାଧାରଣଙ୍କ ସହିତ ତାଙ୍କର ଭାବ ବିନିମୟକୁ ଆଧାର କରି ଭାରତୀୟ ଜାତୀୟ କଂଗ୍ରେସ ତା'ର ନିର୍ବାଚନୀ ଇସ୍ତାହାର ପ୍ରସ୍ତୁତ କରିଛି। ବିଶେଷ କରି ଯୁବ ନ୍ୟାୟ, ନାରୀ ନ୍ୟାୟ, କୃଷକ ନ୍ୟାୟ, ଶ୍ରମିକ ନ୍ୟାୟ ଓ ଭାଗିଦାରୀ ନ୍ୟାୟ ଆଦି ୫ ନ୍ୟାୟ ଓ ୨୫ ଗ୍ୟାରେଂଟି ଉପରେ ଏହି ଇସ୍ତାହାର ପ୍ରସ୍ତୁତ। ଏହି ନ୍ୟାୟପତ୍ର କେବଳ ନିର୍ବାଚନୀ ଘୋଷଣାପତ୍ର ନୁହେଁ, ଏହା ଦେଶର ଗରିବ ନିଷ୍ପେସିତ ଜନସାଧାରଣଙ୍କ ସ୍ୱର ବୋଲି ଏଆଇସିସି ଗଣମାଧ୍ୟମ ସଂଯୋଜିକା ବବିତା ଶର୍ମା କହିଛନ୍ତି। ରବିବାର କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତି ଶର୍ମା କହିଲେ ଯେ ବର୍ତମାନ ଦେଶରେ ଅନ୍ୟାୟର ଶିକାର ହେଉଥିବା କୃଷକ, ଯୁବବର୍ଗ, ମହିଳା, ଶ୍ରମିକ ଏବଂ ଆଦିବାସୀଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ କଂଗ୍ରେସ ପ୍ରତିଶ୍ରୁତି ବଦ୍ଧ। ବିଶେଷ କରି ପ୍ରତ୍ୟେକ ଶିକ୍ଷିତ ଯୁବକ ଯୁବତୀଙ୍କୁ ଆପ୍ରେଂଟିସିପ୍ ପାଇଁ ୧ଲକ୍ଷ ଟଙ୍କା ପ୍ରଦାନ, ୩୦ଲକ୍ଷ ନୂତନ ସରକାରୀ ଚାକିରି, ପ୍ରଶ୍ନପତ୍ର ପ୍ରଘଟ ବନ୍ଦ କରିବା, ଗିଗ୍ କର୍ମଚାରୀଙ୍କୁ ସାମାଜିକ ସୁରକ୍ଷା ଏବଂ ଯୁବବର୍ଗଙ୍କ ପାଇଁ ୫୦୦୦ କୋଟି ଟଙ୍କାର ଷ୍ଟାର୍ଟଅପ୍ ପାଣ୍ଠି ଗଠନ କରିବାକୁ କଂଗ୍ରେସ ନିଷ୍ପତି ନେଇଛି। ସେହିପରି କୃଷକମାନଙ୍କୁ ଏମଏସ୍‌ପି ପ୍ରଦାନ, କୃଷିଋଣ ଛାଡ଼ ପାଇଁ ଆୟୋଗ ଗଠନ, ୩୦ଦିନ ଭିତରେ ଫସଲହାନୀର କ୍ଷତିପୂରଣ ପ୍ରଦାନ, ନୂତନ ଆମଦାନୀ ରପ୍ତାନୀ ନୀତି ଏବଂ କୃଷିକୁ ଜିଏସ୍‌ଟି ମୁକ୍ତ କରିବାକୁ କଂଗ୍ରେସ ଗ୍ୟାରେଂଟି ଦେଉଛି। ଏଥିସହ ମହିଳାମାନଙ୍କୁ ନ୍ୟାୟ ଓ ସେମାନଙ୍କ ଅଧିକାର ପ୍ରଦାନ ପାଇଁ କଂଗ୍ରେସ ବିଶେଷ ଧ୍ୟାନ ଦେଇଛି। ମହାଲକ୍ଷ୍ମୀ ଯୋଜନାରେ ପ୍ରତ୍ୟେକ ଗରିବ ପରିବାରର ଜଣେ ମହିଳାଙ୍କୁ ବର୍ଷକୁ ୧ଲକ୍ଷ ଟଙ୍କା ପ୍ରଦାନ, କେନ୍ଦ୍ର ସରକାରଙ୍କ ନୂତନ ନିଯୁକ୍ତିରେ ମହିଳାଙ୍କ ପାଇଁ ୫୦% ସଂରକ୍ଷଣ, ଆଶା, ଅଙ୍ଗନବାଡି ଓ ମଧ୍ୟାହ୍ନଭୋଜନ କର୍ମଚାରୀଙ୍କ ଦରମା ଦୁଇଗୁଣ କରିବା, ପ୍ରତି ପଂଚାୟତରେ ଅଧିକାର ମିତ୍ର ନିଯୁକ୍ତି, କର୍ମଜୀବୀ ମହିଳାଙ୍କ ପାଇଁ ୨ଗୁଣ ଅଧିକ ହଷ୍ଟେଲ ନିର୍ମାଣ କରାଯିବ। ସେହିପରି ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରି ୪୦୦ ଟଙ୍କା କରିବା, ସେମାନଙ୍କୁ ୨୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ପ୍ରଦାନ, ଜୀବନ ବୀମା ଓ ରୋଜଗାର ସୁରକ୍ଷା ପ୍ରଦାନ ନିମନ୍ତେ କଂଗ୍ରେସ ପ୍ରତିଶ୍ରୁତି ବଦ୍ଧ ବୋଲି ଶ୍ରୀମତି ଶର୍ମା କହିଛନ୍ତି ।ସାମ୍ବାଦିକ ସମ୍ମିଳନୀରେ ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ମୁଖ୍ୟ ଡ.ବିଶ୍ୱରଞ୍ଜନ ମହାନ୍ତି କହିଲେ ଯେ ଓଡ଼ିଶାର ଆଦିବାସୀ, ଅନୁସୂଚୀ ଜାତି ଓ ଅନୁସୂଚୀତ ଜନଜାତି ବର୍ଗଙ୍କୁ କଂଗ୍ରେସ ତା'ର ନିର୍ବାଚନୀ ଇସ୍ତାହାରରେ ବିଶେଷ ଗୁରୁତ୍ୱ ଦେଇଛି। ଆମ ରାଜ୍ୟରେ ୨୩% ହେଉଛନ୍ତି ଆଦିବାସୀ। ଅର୍ଥାତ୍ ଓଡ଼ିଶାର ମୋଟ୍ ଜନସଂଖ୍ୟା ସାଢ଼େ ୪କୋଟିରୁ ସେମାନଙ୍କ ସଂଖ୍ୟା ହେଉଛି ୧କୋଟି। କଂଗ୍ରେସ ସବୁବେଳେ ସାମାଜିକ ନ୍ୟାୟ ଓ ଅଧିକାର ପାଇଁ ଲଢ଼େଇ କରିଆସିଛି। କିନ୍ତୁ ବିଜେଡିର ୨୪ବର୍ଷର ଶାସନ ପରେ ମଧ୍ୟ ଆମ ରାଜ୍ୟରେ ଆଦିବାସୀଙ୍କୁ ଉଚିତ୍ ନ୍ୟାୟ ଓ ଅଧିକାର ମିଳିପାରି ନାହିଁ। ଆଦିବାସୀଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଅଧିକାର ମିଳିନାହିଁ। କେବଳ ନିର୍ବାଚନ ସମୟରେ ବିଜେଡି ସରକାର କେନ୍ଦୁପତ୍ର ତୋଳାଳିଙ୍କୁ କିଛି ବୋନସ ଦେବାର ପ୍ରତିଶ୍ରୁତି ଦେଇ ବାହା ବାଃ ନେଉଛନ୍ତି। କଂଗ୍ରେସ ସରକାର ୨୦୦୬ରେ ଆଦିବାସୀଙ୍କୁ ଜଳ, ଜଙ୍ଗଲ ଓ ଜମି ଅଧିକାର ଦେଇଥିଲା। ମାତ୍ର ବିଜେଡି ଓ ବିଜେପି ସରକାରଙ୍କୁ ହାତ କରି ପୁଁପତିମାନେ ତାହା ଛଡ଼ାଇ ନେଇଛନ୍ତି। ଆଦିବାସୀମାନଙ୍କୁ ଅଦ୍ୟାବଧି ଜମି ପଟ୍ଟା ମିଳିପାରିନାହିଁ। ତେଣୁ କେନ୍ଦ୍ରରେ କଂଗ୍ରେସ କ୍ଷମତାକୁ ଆସିଲେ ଆଦିବାସୀଙ୍କ ଜଙ୍ଗଲ ଅଧିକାର ପାଇଁ ସ୍ୱତନ୍ତ୍ର ବଜେଟ୍ ଆଣିବା ସହ ଏହାକୁ କାର୍ଯ୍ୟକାରୀ କରିବାକୁ ସ୍ୱତନ୍ତ୍ର ଯୋଜନା କରାଯିବ। ସେହିପରି ରାଜ୍ୟରେ କଂଗ୍ରେସ ସରକାର ଆସିଲେ ପେସା ଆଇନ୍ ଲାଗୁ କରାଯିବ। ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି (ପ୍ରିଭେନ୍‌ସନ ଅଫ୍ ଆଟ୍ରୋସିଟିଜ) ଆକ୍ଟ ୧୯୮୯କୁ ପୁନଃ କାର୍ଯ୍ୟକ୍ଷମ କରାଯିବ। ଆଦିବାସୀମାନଙ୍କୁ ଆଇନଗତ ସହାୟତା ପ୍ରଦାନ ପାଇଁ ହେଲ୍‌ପଲାଇନ୍ ନମ୍ବର ଜାରି କରାଯିବ। ଯେଉଁ ଅଂଚଳରେ ଆଦିବାସୀଙ୍କ ସଂଖ୍ୟା ଅନ୍ୟମାନଙ୍କଠାରୁ ଅଧିକ ସେହି ଅଂଚଳକୁ ଆଦିବାସୀ ଅଂଚଳ ଭାବେ ଘୋଷଣା କରାଯିବ। ବିଶ୍ୱବିଦ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନରେ ହିଂସା ଓ ନିର୍ଯାତନାର ଶିକାର ହେଉଥିବା ଆଦିବାସୀ ପିଲାମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ କଂଗ୍ରେସ ରୋହିତ ଭେମୁଲା ଆକ୍ଟ ନାମରେ ଏକ ଆଇନ୍ ଆଣିବ। ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ପିଲାମାନଙ୍କ ଶିକ୍ଷାର ବିକାଶ ପାଇଁ ଆମ୍ବେଦକର ଭବନ ଓ ପାଠାଗାର ପ୍ରତିଷ୍ଠା କରାଯିବ ବୋଲି ଡ. ମହାନ୍ତି କହିଛନ୍ତି। ବର୍ତମାନର ଦଳବଦଳି ପ୍ରସଙ୍ଗରେ ସେ କହିଲେ ଯେ ରାଜ୍ୟରେ ଏବେ ମ୍ୟାଚ୍ ଫିକ୍ସିଂ ଖେଳ ଚାଲିଛି। ବିଜେଡି ଓ ବିଜେପି ସଲାସୁତରା ହୋଇ ନିର୍ବାଚନ ଲଢୁଛନ୍ତି। ବିଜୁ ଜନତା ଦଳ ନିଜ ଉପରେ ଆସ୍ଥା ହରାଇଛି। ବିଜେଡି ନେତାମାନଙ୍କୁ ଜନସାଧାରଣ ପ୍ରତ୍ୟାଖ୍ୟାନ କରିଛନ୍ତି। ତେଣୁ ସେମାନେ କଂଗ୍ରେସରୁ ନେତାଙ୍କୁ ନେଇ ପ୍ରାର୍ଥୀ କରୁଛନ୍ତି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray